


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୩ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 23 JANUARY 2026
Vol.No. 36 ■ No.22 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ନରମିଲା ଟ୍ରମ୍ପଙ୍କ ସ୍ୱରଃ ଗ୍ରିନ୍‌ଲାଣ୍ଡ ପାଇଁ ଘୋଷଣା କରିଥିବା ଶୁଳ୍କ ହଟିଲା

ନୂଆଦିଲ୍ଲୀ,୨୨/୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରିନ୍‌ଲାଣ୍ଡକୁ ନେଇ ଉପରେ ୟୁରୋପୀୟ ଦେଶମାନଙ୍କ ଉପରେ ଶୁଳ୍କ ଲଗାଇବାର ଧମକ ପ୍ରତ୍ୟାହାର କରିନେଇଛନ୍ତି । ତାଙ୍କର ସ୍ୱର ନରମିଛି । ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସେ ଗ୍ରିନ୍‌ଲାଣ୍ଡ ପ୍ରସଙ୍ଗରେ ଡେନମାର୍କ ସମେତ କୌଣସି ୟୁରୋପୀୟ ଦେଶ ଉପରେ ଆଉ ଶୁଳ୍କ ଲଗାଇବେ ନାହିଁ । ସେ କହିଛନ୍ତି, ଗ୍ରିନ୍‌ଲାଣ୍ଡ ଉପରେ ଗୋଲଡେନ୍ ଡୋମ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଆଲୋଚନା କରାଯାଉଛି, ଏହା ଏକ ବହୁସ୍ତରୀୟ, ୧୭୫ ବିଲିୟନ ଡଲାର ମୂଲ୍ୟର ପ୍ରଣାଳୀ ଯାହା ପ୍ରଥମ ଥର ପାଇଁ ମହାକାଶରେ ଆମେରିକୀୟ ଅସ୍ତ୍ରଶସ୍ତ୍ର ରଖିବ। ଟ୍ରମ୍ପଙ୍କ ସହ ଏକ ଆପୋଷ ଆଲୋଚନାର ଅଂଶ ଭାବରେ



ନାଟୋ ସଦସ୍ୟମାନେ ଡେନମାର୍କ ସହିତ ମିଶି ଗ୍ରୀନଲ୍ୟାଣ୍ଡରେ ଅଧିକ ଆମେରିକୀୟ ସାମରିକ ଘାଟି ନିର୍ମାଣ ପାଇଁ ଆମେରିକା ସହ କାମ କରିବେ । ପୂର୍ବରୁ, ଟ୍ରମ୍ପ ଇଙ୍ଗିତ ଦେଇଥିଲେ, ଗ୍ରିନ୍‌ଲାଣ୍ଡକୁ ନେଇ ତାଙ୍କର ଦାବି ପୂରଣ ନହେଲେ ସେ, ୟୁରୋପ ଉପରେ ଆର୍ଥିକ ଚାପ ପକାଇପାରନ୍ତି। ତଥାପି, ସେ ଏବେ ତାଙ୍କର ମତ ବଦଳାଇଛନ୍ତି ଓ କହିଛନ୍ତି ଯେ, ସେ ଏପରି ପଦକ୍ଷେପ ନେବେ ନାହିଁ । ଟ୍ରମ୍ପ ସ୍ୱିଜରଲ୍ୟାଣ୍ଡର ଡାଭୋସରେ ବିଶ୍ୱ ଅର୍ଥନୈତିକ ଫୋରମରେ ତାଙ୍କ ଭାଷଣରେ କହିଥିଲେ ଯେ, ସେ ଏବେ ଗ୍ରିନ୍‌ଲାଣ୍ଡ ଦଖଲ କରିବା ପାଇଁ ସାମରିକ ଶକ୍ତି ବ୍ୟବହାର କରିବାରୁ ପଛକୁ ହଟି ଯାଉଛନ୍ତି। ତଥାପି, ଟ୍ରମ୍ପ ସ୍ପଷ୍ଟ ଭାବରେ କହିଥିଲେ ଯେ, ତାଙ୍କର ଲକ୍ଷ୍ୟ ଗ୍ରିନ୍‌ଲାଣ୍ଡ ହାସଲ କରିବା। ସେ କହିଥିଲେ, ମୁଁ ଗ୍ରିନ୍‌ଲାଣ୍ଡ ଉପରେ ପୂର୍ଣ୍ଣ ଅଧିକାର, ମାଲିକାନା ଓ ନିୟନ୍ତ୍ରଣ ଚାହୁଁଛି। କିନ୍ତୁ ଏହା ସହିତ ସେ ଏହା ହାସଲ କରିବା ପାଇଁ ବଳ ବ୍ୟବହାର କରିବେ ନାହିଁ ବୋଲି ମଧ୍ୟ କହିଥିଲେ। ଟ୍ରମ୍ପଙ୍କ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ । କାରଣ ପ୍ରଥମ ଥର ପାଇଁ, ଜଣେ ଆମେରିକୀୟ ରାଷ୍ଟ୍ରପତି ଅନ୍ୟ ଦେଶର ଅଞ୍ଚଳ ଦଖଲ କରିବା ବିଷୟରେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଖୋଲାଖୋଲି ଭାବରେ ଏତେ ସ୍ପଷ୍ଟ ଭାଷାରେ କଥା ହୋଇଛନ୍ତି । ଭାଷଣରେ ଟ୍ରମ୍ପ ୟୁରୋପୀୟ ଦେଶ ଓ ନାଟୋକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଓ ପରେ ଆମେରିକା ୟୁରୋପକୁ ରକ୍ଷା କରିଥିଲା । ଦଶନ୍ଧି ଧରି ଆମେ ସେମାନଙ୍କୁ ଯାହା ଦେଇ ଆସିଛୁ ତାହା ତୁଳନାରେ ଏହା ଏକ ବହୁତ ଛୋଟ ଦାବି। ସେ ଗ୍ରିନ୍‌ଲାଣ୍ଡ ସମ୍ପର୍କରେ ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଥିଲେ ଯେ ଏହି ସ୍ଥାନଟି ଥଣ୍ଡା ଓ ଏହାର ଅବସ୍ଥିତି ଠିକ୍ ନୁହେଁ।

◆◆ପୃଷ୍ଠା ୭

## ବିଶ୍ୱକୁ ମର୍ଯ୍ୟାଦା ବୋଧ କରିବା ଭାରତର ନୈତିକ ଦାୟିତ୍ୱ- ମୋହନ ଭାଗବତ

ନୂଆଦିଲ୍ଲୀ,୨୨/୧ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡା. ମୋହନ ଭାଗବତ ଗୁରୁବାର ଦିନ ଏଠାରେ କହିଛନ୍ତି ଯେ ଭାରତର ଐତିହାସିକ ଏବଂ ନୈତିକ ଦାୟିତ୍ୱ ବିଶ୍ୱକୁ ମର୍ଯ୍ୟାଦାର ବୋଧ କରିବା ଏବଂ ଏହି କାର୍ଯ୍ୟ ନା ଭାଷଣରେ ହେବ, ନା ପୁସ୍ତକରୁ, ପରନ୍ତୁ ବ୍ୟବହାର ଏବଂ ଆଚରଣ ମାଧ୍ୟମରେ ହିଁ ସମ୍ଭବ।

ଡା. ଭାଗବତ ରାଜସ୍ଥାନର ଡିଡ୍‌ୱାନା-କୁଚାମନ ଜିଲ୍ଲାର ଛୋଟିଖାଟୁରେ ଜୈନ ଶ୍ୱେତାମ୍ବର ତେରାପନ୍ଥ ଧର୍ମସଂଘର ୧୧ତମ ଆଚାର୍ଯ୍ୟ ମହାଶ୍ରମଣର ସାନ୍ନିଧ୍ୟରେ ଆୟୋଜିତ ୧୬୨ତମ ମର୍ଯ୍ୟାଦା ମହୋତ୍ସବକୁ ସମ୍ବୋଧିତ କରିଥବଲେ। ମର୍ଯ୍ୟାଦା ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟରୁ ବିପୁଳ ସଂଖ୍ୟାରେ ତେରାପନ୍ଥ ସମାଜର ଶ୍ରଦ୍ଧାଳୁ ଭାଗ ନେଉଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଭାରତର ପରମ୍ପରାରେ ସତ୍ୟ ଏବଂ ଧର୍ମକୁ କେବଳ ବୈଚାରିକ ଅବଦାରଣା ନୁହେଁ, ପରନ୍ତୁ ଜୀବନ ପଦ୍ଧତି ରୂପେ ଆପଣାଯାଇଛି ଏବଂ ଏହା ଏହାର ବୈଶ୍ୱିକ ବିଶିଷ୍ଟତା ଅଟେ। ଆଜି ବିଶ୍ୱ ଯେଉଁ ସଂଘର୍ଷ, ସାମାଜିକ ବିଘଟନ ଏବଂ ଅସ୍ଥିରତାରେ ଯାଉଛି, ଏହାର ସମାଧାନ ପାଇଁ କେବଳ ଟେକ୍‌ନିକ, ପୁଞ୍ଜି ବା ସୈନ୍ୟ ଶକ୍ତି ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକତା ଏପରି ନୈତିକ ଢାଂଚାର, ଯାହା ମାନବ ବ୍ୟବହାରକୁ ମର୍ଯ୍ୟାଦାରେ ବାନ୍ଧି ପାରେ। ଭାରତ ପାଖରେ ଏହି ଦୃଷ୍ଟି ଉପଲବ୍ଧ ଅଟେ।

## କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନର ଆବଶ୍ୟକତା ରହିଛିଃ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୧ (ନି.ପ୍ର): ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଜଳର ଅନ୍ୟ ନାମ ଜୀବନ। ଜଳ ବିନା କୃଷି କାର୍ଯ୍ୟ ସହିତ ଅନ୍ୟ କୌଣସି କାମ କରିହେବ ନାହିଁ। ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ 'ପାଣିପଞ୍ଚାୟତ ପକ୍ଷ-୨୦୨୬'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ପାଣିପଞ୍ଚାୟତ ପକ୍ଷ ରାଜ୍ୟସ୍ତରୀୟ ଉଦ୍ ?ଯାପନୀ ସମାରୋହ-୨୦୨୬ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାଣି ବିନା କୃଷି କାର୍ଯ୍ୟ ଅସମ୍ଭବ। ତେଣୁ କୃଷି କାର୍ଯ୍ୟକୁ ପାଣି ଯୋଗାଇ ଦେବାର କୃଷି ବିଭାଗର ସବୁଠାରୁ ବଡ଼ କାମ। କୃଷି ଓ କୃଷକକୁ ସଶକ୍ତୀକରଣ କରିବାକୁ ହେଲେ ପାଣିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ରାଜ୍ୟର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି। କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନର ଆବଶ୍ୟକତା ରହିଛି। ଯେଉଁ ଦେଶରେ ସେହି ଦେଶରେ କୃଷି ଉତ୍ପାଦନ ବୃଦ୍ଧି ଅଧିକ ହୋଇପାରିଛି। ରାଜ୍ୟ ସରକାର ଜଳସେଚନ ପ୍ରଣାଳୀରେ ପାଣିପଞ୍ଚାୟତକୁ ସାମିଲ କରିଛନ୍ତି।

◆◆ପୃଷ୍ଠା ୭

## ସରଣ୍ଡାରେ ସୁରକ୍ଷା ବାହିନୀର ବଡ଼ ଅପରେସନ୍ଃ ୧୬ ମାଓବାଦୀ ନିହତ

ଝାଡ଼ଖଣ୍ଡ,୨୨/୧ : ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଚାଲିଥିବା ଏନକାଉଣ୍ଟରରେ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷା ବାହିନୀ ୧ କୋଟି ଟଙ୍କା ପୁରସ୍କାର ରାଶି ଥିବା କୁଖ୍ୟାତ ମାଓ ନେତା ଅନଲଙ୍କୁ ହତ୍ୟା କରିଛି। ଅନଲ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ (ସିସିଏମ୍) ଥିଲେ ଏବଂ ଦୀର୍ଘ ଦିନ ଧରି ସୁରକ୍ଷା ବାହିନୀର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିଲେ।ଏହି ଘଟଣା ଛୋଟାନାଗ୍ରାହ ଥାନା ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ସୁରକ୍ଷା ବାହିନୀ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି। ଏନକାଉଣ୍ଟର ପରେ ସମଗ୍ର ଅଞ୍ଚଳରେ ହାଇ ଆଲର୍ଟ ଘୋଷଣା କରାଯାଇଛି ଏବଂ ଘଟଣାସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ଝାଡ଼ଖଣ୍ଡରେ ଏତେ ସଂଖ୍ୟାରେ ମାଓବାଦୀ କେବେ ଏକକାଳୀନ ନିହତ ହୋଇନାହାଁନ୍ତି। ଏହା ପୁଲିସ ପାଇଁ ଏକ ବଡ଼ ସଫଳତା। ଅନଲଙ୍କ ସ୍କ୍ୱାଡ୍ କୋବ୍ରା-୨୦୯ ବାଟାଲିଅନ୍ ସହିତ ସିଧାସଳଖ ଏନକାଉଣ୍ଟରରେ ଲିପ୍ତ ହୋଇଥିଲା, ଯାହା ଫଳରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସରଣ୍ଡାରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଚାଲିଥିଲା। ଏହି ଅପରେସନ ପରେ ଝାଡ଼ଖଣ୍ଡରେ ଆଉ କୌଣସି ବଡ଼ ମାଓବାଦୀ ନାହାନ୍ତି। ହତ୍ୟା ଏବଂ ବୋମା ବିସ୍ଫୋରଣ ସମେତ ଅନେକ ଗୁରୁତର ଅପରାଧ ପାଇଁ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ଗିରିଡିହ ଜିଲ୍ଲା, ପୁଲିସ ଷ୍ଟେସନ ପିରଟାଣ୍ଡର ଝରାବାଲେ ଗ୍ରାମର ବାସିନ୍ଦା ଟୋଟୋ ମାରାଣ୍ଡି ଓରଫ ତରୁ ମାରାଣ୍ଡିଙ୍କ ପୁଅ ଅନଲ ଓରଫ ଟୁଫାନ, ଓରଫ ପତିରାମ ମାରାଣ୍ଡି, ଓରଫ ରମେଶ, ଦୀର୍ଘ ଦିନ ଧରି ସରଣ୍ଡା ଏବଂ ଗିରିଡିହ ଜଙ୍ଗଲରେ ସକ୍ରିୟ ଥିଲେ।

◆◆ପୃଷ୍ଠା ୭

## ୨୬ ବର୍ଷ ପରେ ବି ବିଜେଡିକୁ ଛାଡ଼ିନି ବିଜୟ ଭୟଃ ନବୀନଙ୍କ ଅଭିଯୋଗ ପରେ କଡ଼ା ଚ୍ୟାଲେଞ୍ଜ ଦେଲେ ଅରବିନ୍ଦ ମହାପାତ୍ର

ଭୁବନେଶ୍ୱର, ୨୨/୧ (ନି.ପ୍ର): ବିଜୟଙ୍କୁ ନବୀନଙ୍କର ଭୟ ଯାଇନି । ୨୦୦୦ ମସିହାରେ ଯେମିତି ବିଜୟଙ୍କୁ ନବୀନଙ୍କର ଭୟ ଥିଲା ଏବେ ବି ସେମିତି। ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ ନବୀନ ପଟ୍ଟନାୟକ ଗଣମାଧ୍ୟମ ସାମନାକୁ ଆସି ପ୍ରତିକ୍ରିୟା ରଖିବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ନବୀନଙ୍କ ଅଭିଯୋଗ ପରେ କଡା ଜବାବ ଦେଇ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ଅରବିନ୍ଦ। କ୍ଷମତାରେ ନାହାନ୍ତି। ଦୀର୍ଘ ବର୍ଷ ହେଲା ବିଧାନସଭା ମାଟି ମାଡ଼ିନାହାନ୍ତି। ବାରମ୍ବାର



ନିର୍ବାଚନ ଲଢ଼ି ବିଫଳ ହୋଇଛନ୍ତି। ତଥାପି ନବୀନଙ୍କୁ ବିଜୟ ମହାପାତ୍ରଙ୍କ ଡର ଯାଇନି । ୨୬ ବର୍ଷ ତଳେ ଯେମିତି ଭୟ ରହିଥିଲା, ଏବେ ବି ସେମିତି । ବିଜୟଙ୍କ ପାଇଁ ପୁଅ ଅରବିନ୍ଦ ବଳି ପଡିଛନ୍ତି । ବିଶ୍ୱାସଘାତକତା କଥା କହି ଅରବିନ୍ଦଙ୍କୁ ଦଳରୁ ନିଲମ୍ବନ କରିଛନ୍ତି ନବୀନ। ଜଣଙ୍କ ପରେ ଜଣେ ନେତା ଅରବିନ୍ଦଙ୍କ ନିଲମ୍ବନର କାରଣ କହିବା ପରେ ଶେଷରେ ଗତକାଲି ନବୀନ ନିଜେ ଆସି ସମାନ କଥା କହିଛନ୍ତି । କିନ୍ତୁ ନବୀନଙ୍କ ଏଭଳି ପ୍ରତିକ୍ରିୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନିଲମ୍ବନର କାରଣକୁ ନେଇ ସୁପ୍ରିମୋଙ୍କ ଅଭିଯୋଗ ପରେ ସାମ୍ବାଦିକ ସମ୍ମିଳନୀ କରି ପାଲଟା ପ୍ରଶ୍ନ କରିଛନ୍ତି ଅରବିନ୍ଦ। ବିତର୍କ ପାଇଁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଅରବିନ୍ଦ ମହାପାତ୍ର। ବିଜେଡି ଅରବିନ୍ଦ ମହାପାତ୍ରଙ୍କ ଉପରେ ଆକ୍ରମଣକୁ ନେଇ ଯେଉଁ ଥିଓରି ନିଇତି ଆଣୁଛି, ତାହା ପ୍ରଭାବୀ ହେଉନାହିଁ। ବରଂ ବିଜେଡି ପାଇଁ ବୁମେରାଂ ହେଉଛି। ପ୍ରଶ୍ନ ଉଠୁଛି, ବିଜୟଙ୍କୁ ଭୟ କରୁଛନ୍ତି କି ନବୀନ? ବିଜୟଙ୍କ ପଲିଟିକାଲ ମୁଭମେଣ୍ଟକୁ ସହ୍ୟ କରିପାରୁନାହାନ୍ତି କି ବିଜେଡି ସୁପ୍ରିମୋ? ବିଜେଡି ବିଭାଜନର ଭୟ ରହିଛି କି?

## ୨୦୦ ଫୁଟ ତଳେ ଥିବା ଖାଇକୁ ଖସିଲା ସେନା ଗାଡ଼ିଃ ୧୧ ଯବାନ ମୃତ

ନୂଆଦିଲ୍ଲୀ,୨୨/୧ : ଜମ୍ମୁ କାଶ୍ମୀରର ଡୋଡାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ସେନାର ଟ୍ରକ୍ ସେହି ଅଞ୍ଚଳ ଦେଇ ଯାଉଥିବା ସମୟରେ ଗଭୀର ଘାଟି ତଳକୁ ଖସି ପଡ଼ିଥିଲା ଯେଉଁଥିରେ ୧୧ ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୦ ଜଣ ଆହତ ହୋଇଥିଲେ । ସେନାର ଏହି କାସପର ଟ୍ରକଟି ଡୋଡାର ଭାଦରୱାହ-ଚମ୍ବା ରାସ୍ତାରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଯାଇଛି । କାସପର ଟ୍ରକ୍ ପ୍ରାୟ ୨୦୦ ଫୁଟ ଗଭୀର ଘାଟି ତଳକୁ



ଖସିଛି ବୋଲି ସୂଚନା ମିଳୁଛି । ଯବାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଉଦ୍ଧାର ଦଳ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଘଟଣା ଖବର ପାଇବା ପରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା । ଆହତ ଯବାନମାନଙ୍କୁ ଦୁର୍ଘଟଣାସ୍ଥଳରୁ ବାହାର କରାଯାଇ ନିକଟସ୍ଥ ଏକ ମେଡିକାଲକୁ

◆◆ପୃଷ୍ଠା ୭

## ଜାନୁଆରୀ ୨୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୨/୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୬ ତାରିଖରେ ସରକାରୀ ଛୁଟି ଦିବସ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟଃ ବସନ୍ତ ପଞ୍ଚମୀରେ ଭୋଜଶାଳାରେ ହେବ ପୂଜା ଓ ନମାଜ ପାଠ

ନୂଆଦିଲ୍ଲୀ,୨୨/୧ : ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ଅବସ୍ଥିତ ଐତିହାସିକ ଭୋଜଶାଳାକୁ ନେଇ ଚାଲିଥିବା ବିବାଦର ଏକ ଆବେଦନର ଶୁଣାଣି କରି, ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ହିନ୍ଦୁ ପକ୍ଷ ଦ୍ୱାରା ଦାୟର ଏକ ନୂତନ ଆବେଦନ ଉପରେ ଗୁରୁବାର



ସୁପ୍ରିମକୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। ବସନ୍ତ ପଞ୍ଚମୀ ଓ ଶୁକ୍ରବାର ନମାଜ ପାଠ ଗୋଟିଏ ଦିନରେ ପଡୁଥିବାରୁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ବସନ୍ତ ପଞ୍ଚମୀ ପୂଜା ଓ ଶୁକ୍ରବାର ନମାଜ ପାଠ ଉଭୟ ଭୋଜଶାଳାରେ ଅନୁଷ୍ଠିତ ହେବ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅପରାହ୍ନ ୧ଟାରୁ ୩ଟା ମଧ୍ୟରେ ନମାଜ ପାଠ କରାଯିବ। ମନ୍ଦିର ପରିସରରେ ନମାଜ ପାଇଁ ଏକ ପୃଥକ ସ୍ଥାନ ନିରୂପଣ କରାଯିବ। ପୂଜା ଓ ନମାଜ ପାଠ କରୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରାଯିବ।

◆◆ପୃଷ୍ଠା ୭





ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ
ମହାଭାବ ଓ
ସାଗରିକା ର
ପାଠକାର୍ପଣ




ମହାଶୟ/ ମହାଶୟା,
'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁ**ଙ୍କ ସପ୍ତମ ଗଳ୍ପ ସଂକଳନ **'ମହାଭାବ'** ଏବଂ **'ସାଗରିକା'**ନୂଆବର୍ଷ-(ଜାନୁଆରୀ-୨୦୨୬)ସଂଖ୍ୟାର ଶୁଭଉନ୍ମୋଚନ ଆସନ୍ତା **ତା ୨୫/୦୧/୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି**ର ସଭାଗୃହ (ମିଶନ ପଡ଼ିଆ ସାମନା)ରେ ଅନୁଷ୍ଠିତ ହେବ ।
ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ
- ଆମର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ **ଶ୍ରୀଯୁକ୍ତ ରଘୁନାଥ ମହାନ୍ତି**

ଆମର ଅତିଥି
- **ଡ. ଶ୍ରୀଧର ସାମଲ,** ସଂପାଦକ 'ମୌସୁମୀ'
- **ଶ୍ରୀଯୁକ୍ତ କୁଳମଣି ବାରିକ,** ବରିଷ୍ଠ ସାମ୍ବାଦିକ
- **ଡ. ନାରାୟଣ ପଣ୍ଡା,** ବିଶିଷ୍ଟ ଲେଖକ
- **ଶ୍ରୀଯୁକ୍ତ ବନମାଳୀ ସେନାପତି,** ସମ୍ପାଦକ 'ପରାଗ'
- **ଡ. କାଳୀପଦ ପଣ୍ଡା,** ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
- ଉତ୍ସବକୁ ସଂଯୋଜନା କରିବେ କବି **ମିତା ପଟ୍ଟନାୟକ**

ଏହି ସାରସ୍ୱତ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା

# ୩୭ ତମ ସର୍ବଭାରତୀୟ ଲାଲମନି କ୍ରିକଫେଷ୍ଟ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୨୨/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଆଜି ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ୩୭ ତମ ସର୍ବଭାରତୀୟ ଲାଲମନି କ୍ରିକଫେଷ୍ଟ୍ ୨୦୨୬ ମହାସମାରୋହରେ ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ରଘୁନାଥ ଜଗ ଦଲା ଯୋଗଦେଇ ଲାଲ୍ ମନି କ୍ରିକେଟ୍ ର ଭିତିପ୍ରସ୍ତରର ଉନ୍ନତି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେବା ସହ ଏକ ସ୍ପୋର୍ଟସ ହଷ୍ଟେଲ ଶୀଘ୍ର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ କ୍ଷ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ ଓ ଏସପି ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା କ୍ରିକେଟ୍ ସଂଘକୁ 'ଓ ସି ଏ' ର ପୂର୍ଣ୍ଣ ସହଯୋଗ ଜିଲ୍ଲାବାସୀ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜି ସର୍ବ ଭାରତୀୟ ସ୍ତରରେ ଏହି କ୍ରିକେଟ ଖ୍ୟାତି ଅର୍ଜନ କରିଛି ବୋଲି ଭୂୟସୀ ପ୍ରଶଂସା କରିଥିଲେ । ଏହି ଅୟୋଜନର ଆହୁରି ଆଡମ୍ବର ଓ ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗକୁ ସମସ୍ତ ସହାୟତା ଯୋଗାଇ ଦେବାକୁ କହି ଆଗାମୀ ଦିନରେ ଓସିଏ ସଭାପତି ତଥା ଶିଳ୍ପପତି ଶ୍ରୀ ମହାନ୍ତିଙ୍କ କ୍ରିକେଟ୍ ଓ ଶିଳ୍ପ କ୍ଷେତ୍ରରେ ଆମ ଜିଲ୍ଲା ସହିତ ଉଭୟ ସଂପର୍କ ଯୋଡ଼ି ରହିଲେ କ୍ରିକେଟ୍ ର ବିକାଶ ସହ ଜିଲ୍ଲାର ମଧ ବିକାଶ ହେବ ବୋଲି ପ୍ରକାଶ କରିଥିଲେ କ୍ଷସଭାରେ ସ୍ୱତନ୍ତ୍ର ଅତିଥି ଓଡ଼ିଶା ଓ କଲିକତା ର ପ୍ରାକ୍ତନ ବିଚାରପତି ତଥା ଲାଲ୍ ମନି କ୍ରିକେଟ ସଂଘର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ଚିତ ରଞ୍ଜନ ଦାଶଙ୍କ ଏକ ଶୁଭେଚ୍ଛା ବାର୍ତା ପଠନ କରା ଯାଇଥିଲା । ଓଡ଼ିଶା କ୍ରିକେଟ ସଂଘ ର ସଭାପତି ପଙ୍କଜ ଲୋଚନ ପଧାନ ଓ କୋଷାଧ୍ୟକ୍ଷ ଶ୍ରୀ ବିକାଶ ପଧାନ ଯୋଗଦେଇ ଏହାର ଅୟୋଜନକୁ ପ୍ରଶଂସା କରିଥିଲେ । କ୍ରିକେଟ ସଂଘ ସଭାପତି ରାମ ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ପ୍ରଦୀପ କୁମାର ସେଠୀ ମଂଚାସିନ ଥିଲେ । ବି. ସତ୍ୟ ନାରାୟଣ ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ଅତିଥି ମାନଙ୍କ ଦ୍ୱାରା ଲାଲ୍ ମନି କ୍ରିକେଟର ପତାକା ଉତୋଳନ ଓ ଟ୍ରଫି ଉନ୍ମୋଚନ ହୋଇଥିବା ବେଳେ ଉଭୟ ଦଳର ଖେଳାଳୀ ମାନଙ୍କ ସହ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା । ପରେ ପରେ ପଡ଼ିଆରେ ଜାତୀୟ ସଙ୍ଗୀତ ଗାନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା। ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଖେଳ ପଡିଆର ଶୃଙ୍ଖଳା ଖେଳାଳୀଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଥିବା ଜଣାପଡିଛି।

# ଶହୀଦ ଲକ୍ଷ୍ମଣ ନାୟକ ମୂଳ ଆଦିବାସୀ ସଙ୍ଘ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଜୟପୁର, ୨୨/୧ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ପଞ୍ଚାୟତ ସମିତି ଗ୍ରାମପଞ୍ଚାୟତର ସାଗରଗୁଡ଼ା ଗ୍ରାମର ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘର ସଦସ୍ୟ ଆଜି ଜୟପୁର ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କ୍ଷ ସଙ୍ଘ ର କାର୍ଯକାରୀ ସଭାପତି ଭଜ ମନ ସାଆନ୍ତା ଉପଦେଷ୍ଟା ଚନ୍ଦ୍ର ସାଗରିଆଙ୍କ ନେତୃତ୍ୱ ରେ ସଙ୍ଘ ର ସଦସ୍ୟ ମାନେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ କାର୍ଯ୍ୟଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି କ୍ଷ କୁନ୍ଦୁରା ମୌଜା ସାଗରଗୁଡ଼ା ଗ୍ରାମର ଜମିକୁ ଆଜିକୁ ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ ସମୟ ଧରି ଆମ ସଙ୍ଘ ଦଖଲ କରି ଆସିଅଛି। ଏଥି ମଧରେ ସଂଘର କିଛି କର୍ମକର୍ତାମାନେ ମୃତ୍ୟୁବରଣ କଲେଣି। ଯେଉଁ ଜମିକୁ ଦଖଲ ରେ ରଖାଯାଇଛି ସେ ଜମିରେ ଠାକୁରାଣୀଙ୍କ ମନ୍ଦିର ରହିଅଛି। ଏତତ୍ ବ୍ୟତୀତ ଡ଼ା.ଅମ୍ବେଦକର, ଶହୀତ ଲକ୍ଷ୍ମଣ ନାୟକ, ମହାତ୍ମାଗାନ୍ଧୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଛି ଓ ବୃକ୍ଷରୋପଣ ମଧ କରିଅଛୁ । ତତ୍ ସହିତ ୧୨ ମାସରେ ୧୩ପର୍ବ ମଧ ପାଳନ କରି ଅଞ୍ଚଳର କଳା ଏବଂ ସଂସ୍କୃତିକୁ ବଂଚାଇ ରଖିଛନ୍ତି । , ବିଭିନ୍ନ ପ୍ରକାରର ପର୍ବ ପାଳନ ସକାଶେ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ସରକାର ଅର୍ଥ ପ୍ରଦାନ କରୁଛନ୍ତି । କିନ୍ତୁ, ଉକ୍ତ ଅଞ୍ଚଳକୁ ପର୍ବ ପାଳନ ସକାଶେ କୌଣସି ଅର୍ଥ ପ୍ରଦାନ କରାଯାଉ ନାହିଁ । ଉକ୍ତ ପର୍ବ ଗୁଡ଼ିକୁ ନିଜ ନିଜର ଅର୍ଥରେ ପାଳନ କରି ଆସୁଅଛୁ। ସେତେବେଳେ ଏହି ଜମି ଜୟପୁର ତହସିଲ ଅଧୀନରେ ରହିଥିଲା, ଉକ୍ତ ସମୟରେ କୁନ୍ଦୁରାର ଜଣେ ରାଜସ୍ୱ ନିରୀକ୍ଷକ ଏଠାକାର ଲୋକଙ୍କ ନାମ ବ୍ୟତୀତ ବୈପାରିଗୁଡ଼ା, ବୋରିଗୁମା, ଜୟପୁର ଏବଂ କୋଟପାଡ଼ ଅଂଚଳର ଧନୀ ବ୍ୟକ୍ତିଙ୍କ ନାମରେ ପଟ୍ଟା ରେକର୍ଡ କରାଇ ଦେଇଛନ୍ତି । ଯେଉଁ ବ୍ୟକ୍ତିମାନଙ୍କ ନାମରେ ପଟ୍ଟା ରେକର୍ଡ କରାଯାଇଛି, ସେମାନେ ଦିନେହେଲେ ମଧ ଏହି ସ୍ଥଳକୁ ଦେଖୁ ନାହାନ୍ତି କି, ଜମିର ଖଜଣା ମଧ ଦେଉ ନାହାନ୍ତି । ଆଜି ସୁଦ୍ଧା ସଙ୍ଘ ହିଁ ଖଜଣା ପୈଠ କରି ଆସୁଛି। ଯେଉଁ ଧନୀଲୋକ ମାନଙ୍କ ନାମରେ ପଟ୍ଟା ରେକର୍କ ରହିଅଛି । ବର୍ତମାନ ଏଠାରେ ଜମିର ଦରଦାମ ବୃଦ୍ଧିହେତୁ, ସେମାନଙ୍କ ନାମରେ ରହିଥିବା ଜମି ଗୁଡ଼ିକୁ ବିକ୍ରୟ କରିବା ସକାଶେ ଚେଷ୍ଟା କରୁଛନ୍ତି । ଏହି ଜମି ସମ୍ବନ୍ଧରେ କୋରାପୁଟ ଜିଲ୍ଲାପାଳଙ୍କ ଅଧନରେ ବିଚାର ଗୁଳିଅଛି । କୁନ୍ଦୁରା ତହସିଲଦାର ଏହି ଜମି ବିଷୟରେ ବାରମ୍ବାର ସଙ୍ଘ ସଦସ୍ୟଙ୍କୁ ତାଙ୍କରି କାର୍ଯ୍ୟାଳୟକ ଡ଼ାକୁଛନ୍ତି । ଏଣୁ, ଯେଉଁ ଧନୀଲୋକ ମାନଙ୍କ ନାମରେ ପଟ୍ଟା ଗୁଡ଼ିକ ହୋଇଛି, ତାହାର ଉପଯୁକ୍ତ ତଦନ୍ତ କରି ଉକ୍ତ ପଟ୍ଟା ଗୁଡ଼ିକୁ ରଦ୍ଦ କରାଯାଇ ଜମିକୁ ସରକାରଙ୍କ ହାତକୁ ନିଆଯାଇ କିମ୍ବା ସଙ୍ଘ ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ ଦିନ ଧରି ସରକାରୀ ଖଜଣା ପୈଠ କରି ଆସୁଅଛୁ, ତାହାକୁ ସଂଘକୁ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି ।

## ନିଳାଗୁଡା ଜଙ୍ଗଲରେ ଅବକାରି ଚଡାଉ

ଜୟପୁର, ୨୨/୧ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି ।

# ଗୋପପୁରରେ କୃଷ୍ଣଲୀଳା, ଷଣ୍ଢାସୁର ବଧ, କାଳୀୟ ଦଳନ : କୃଷ୍ଣଲୀଳାରେ ସାମିଲ ହେଲେ ହଜାର ହଜାର ଗୋପପୁରବାସୀ

ସମ୍ବଲପୁର, ୨୨/୧ (ନି.ପ୍ର): ଧନୁଯାତ୍ରାର ଚତୁର୍ଥ ଦିବସରେ ଗୋପପୁରରେ କୃଷ୍ଣଲୀଳାକୁ ଉପଭୋଗ କଲେ ଗୋପପୁରବାସୀ । ସମ୍ବଲପୁରୀ ଧନୁଯାତ୍ରାର ଚତୁର୍ଥ ଦିବସରେ ଗୋପପୁର (ଚାଉଁରପୁର)ରେ କୃଷ୍ଣ ଲୀଳାର ଖୁବ ଉପଭୋଗ କଲେ ଚାଉଁରପୁରବାସୀ କ୍ଷ ନନ୍ଦରାଜା ଓ ମାତା ଙ୍କର ଯଶୋଦାଙ୍କର ଗେଲ୍ହା କୃଷ୍ଣ ପ୍ରେମରେ ବିଭୋର ରାଧା ରାଣୀ ଙ୍କର ନାବକେଳି, ଗୋପପୁରରେ ଦହି ବିକ୍ରି ବିଷୟ, କଂସ ଙ୍କ ଦ୍ୱାରା ପ୍ରେରିତ ଷଣ୍ଢାସୁର ବଦ୍ଧ, ଶ୍ରୀକୃଷ୍ଣ ଙ୍କର କାଳିୟ ଦଳନ ବିଷୟ ପାରିବେଶିତ । ଆଜିର ଗୋପପୁର ର କାର୍ଯ୍ୟକ୍ରମ ରେ ହଜାର ହଜାର ଦର୍ଶକ ଦୃଶ୍ୟ ଗୁଡିକୁ ଖୁବ ଉପଭୋଗ କରିଥିଲେ । ଚତୁର୍ଥ ଦିବସରେ ସମ୍ବଲପୁରୀ ଧନୁଯାତ୍ରା କମିଟି ର କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, ଗୋପପୁର କମିଟି ର ସଭାପତି ଆଦିତ୍ୟ ପ୍ରସାଦ ନାୟକ, ସମ୍ପାଦକ ଗଣେଶ ମହୋତମ, ସରୋଜ ମହାପାତ୍ର, ସାଧୁ ମହତମ, ଯୋଗେନ୍ଦ୍ର ମାଝୀ, କୃଷ୍ଣ ମହତମ ପ୍ରମୁଖ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଗୁଡିକୁ ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ସମ୍ବଲପୁରୀ ଧନୁଯାତ୍ରା ର ଲେଖକ ନିର୍ଦ୍ଦେଶକ ବବଲୁ ବାଗ ମୁଖ୍ୟ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ । ଗୋପପୁରର କାର୍ଯ୍ୟକ୍ରମରେ ବିଭିନ୍ନ ଭୂମିକାରେ ଅଭିନୟରେ ଥିଲେ ଯୋଗେଶ ନନ୍ଦ, ଅନ୍ନପୂର୍ଣ୍ଣା ମିଶ୍ର, ସୁନିତା ପତି, ଅକ୍ଷୟ ନାୟକ, ଓଁ ସାଇରାମ ପଣ୍ଡା, ନିର୍ମଳ ବାଗ, ନେନସି ଭୋଇ,ଚନ୍ଦ୍ରମଣି କୁମ୍ଭାର,ପ୍ରଥମ ପଣ୍ଡା ଓ ଅନେକ କଳାକାର ମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ଆଜି କୃଷ୍ଣ ବଳରାମ ଙ୍କୁ ରଥାରୁଢ଼ କରି ଗୋପପୁର ର ସିକିର୍ଡ଼ି, କଁଟାପାଲି, ଗୋଶାଳା, ପୁରୁଣା ଝାଙ୍କରପାଲି, ମୁଡୋଘାଟ, ପୋଡାପାଲି, ପରଦେଶୀ ପଡା ପ୍ରଭୃତି ଗ୍ରାମକୁ ଶ୍ରୀକୃଷ୍ଣ ଓ ବଳରାମ ଙ୍କୁ ନେଇ ପରିକ୍ରମା କରିଥିଲେ। ପରେ ପରେ ଡିହିକି ପାଲି ଓ ଚାଉଁରପୁରର ସଂକୀର୍ତନ ପରିବେଷଣ କରାଯାଇଥିଲା।

# ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବନଗରର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ଜୟପୁର, ୨୨/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ କୋଲାବନଗର ର ୪୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଦେବାଶିଷ ପ୍ରଧାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ ଥାନା କଲୋନୀ ସାଧନ କର୍ମୀ ସମନ୍ୱୟକ ଶ୍ରୀ ସୂର୍ଯ୍ୟ କାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ମକତାର ସିଂ, ସମାଜ ସେବୀ ଶ୍ରୀମତୀ ରତ୍ନା ଖୀଲ ତଥା ବିଶିଷ୍ଟ ସାମ୍ବାଦିକ ଶ୍ରୀ ତ୍ରିନାଥ ନାୟକ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ସମାରୋହରେ ଶ୍ରୀ ବେହେରା ପୂଜାର୍ଚ୍ଚନା କରିବା ପରେ ପ୍ରଧାନ ଶିକ୍ଷକ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଶ୍ରୀ ତାପସ ମହାନ୍ତି ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା. ଉଦଯାପନୀ ଉତ୍ସବ ରେ ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧକ୍ଷ ଶ୍ରୀ ଦିବାକର ଲେଙ୍କା, ନାଏବ ସରପ ଂଚ ଶ୍ରୀ ରଘୁରାମ ଖିଲ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ମକତାର ସିଂ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଖେଳ ର ଉପାଦେୟତା ସମ୍ପର୍କ ରେ ଆଲୋକପାତ କରିଥିଲେ. ଦୁଇ ଦିନ ଧରି ଏହି ଉତ୍ସବ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଶ୍ରୀ ସୁଜୀତ କୁମାର ଜେନା, ଶ୍ରୀ ଅକ୍ଷୟ କୁମାର ସାହୁ, ଶ୍ରୀମତୀ ରେଖା ଗୁଣ୍ଡା, ଶ୍ରୀମତୀ ଶୁଚିସ୍ମିତା କବାଟ, ଶ୍ରୀମତୀ ସୁଭଦ୍ରା ଭୂୟାଁ, ଶ୍ରୀମତୀ କୁସୁମା ଜାନି, ସୁଶ୍ରୀ ଅବଜଧାରିଣୀ ମହାପାତ୍ର, ଶ୍ରୀ ଅନୁରାଗ ମିଶ୍ର, ଶ୍ରୀ ଦୀପକ ନାହାକ, ସିମା ଂଚଳ ପେଣ୍ଡିଆ, ଶୁବେନ୍ଦୁ ଖୋସଲା, ଅଭିମନ୍ୟୁ ନାଥ ଓ ଅରୁଣ କୁମାର ସ୍ୱାଇଁ ତଥା ବରିଷ୍ଠ କାର୍ଯ୍ୟାଳୟ ସହାୟକ ଶ୍ରୀ ନାଗେଶ୍ୱର ରାଓ ଏବଂ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ ସହଯୋଗ କରିଥିଲେ. ଶେଷ ରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରା ଯାଇଥିଲା ।

## କାଲିମେଳା ମାର୍କେଟ କମିଟି ଗୃହ ଉଦ୍‌ଘାଟନ

ମାଲକାନଗିରି, ୨୨/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ଠାରେ ବଜାର କମିଟି ଗୃହ ଉଦଘାଟନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମାର୍କେଟ କମିଟି ଗୃହକୁ ଉଦଘାଟନ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରାୟ, ମାଲା ମାଢ଼ି, ସମେତ ବଜାର କମିଟିର ବିଜୟ ଦିୱେଦି, ବି, ଭାସ୍କର ରାଓ, ବିନୟ ରାୟ, ସଞ୍ଜୟ ମସିଦ, ରୁଦ୍ର ପାତ୍ର,ବିନୋଦ ସାହୁ, ଏସ, ରମେଶ, ଗୋପାଳ ଭଦ୍ର,ସ୍ଥାନୀୟ ଦୋକାନୀ , ପରିବା ବ୍ୟବସାୟୀ ଏବଂ ସ୍ଥାନୀୟ ଯୁବ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଟାଟା ପାୱାରର ଶୋଷଣ: ପ୍ରତିବାଦରେ ଗର୍ଜିଲା ସମ୍ବଲପୁର ବିଜେଡି

ସମ୍ବଲପୁର, ୨୨/୧ (ନି.ପ୍ର): ବର୍ତମାନର ବିଜେପି ସରକାରର ପ୍ରତ୍ୟକ୍ଷ ସହଯୋଗରେ ରାଜ୍ୟ ବିଦ୍ୟୁତ ଆବଂଟନ କମ୍ପାନୀ 'ଟାଟା ପାୱାର' ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅକଥନୀୟ ଶୋଷଣ କରିଚାଲିଛି । ଟାଟା ପାୱାରର ଏହି ମନମୁଖୀ କାରବାର ଏବେ ଚରମ ସୀମାରେ ପହଂଚିଛି । ଫଳରେ ସମ୍ବଲପୁର ତଥା ପଶ୍ଚିମ ଓଡିଶାର ବିଦ୍ୟୁତ୍ ଉପଭୋକ୍ତା ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସାରା ରାଜ୍ୟରେ ବର୍ତମାନ ଟାଟା ପାୱାର ସ୍ମାର୍ଟ ମିଟର ପ୍ରଚଳନ କରିବାକୁ ଚରମବାଣୀ ଦେଇଥିବା ବେଳେ ଏହା ଟାଟା ପାୱାରର ଉପଭୋକ୍ତା ବିରୋଧୀ ମନୋଭାବର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି । ବିଦ୍ୟୁତ୍ ଉପଭୋକ୍ତା ମାନଙ୍କର ବ୍ୟାପକ ବିରୋଧ ସତ୍ତ୍ୱେ ବର୍ତମାନର ଭାଜପା ସରକାର ସ୍ମାର୍ଟ ମିଟର ପ୍ରଚଳନ ପାଇଁ ଏକ କ୍ୟାବିନେଟ୍ ପ୍ରସ୍ତାବକୁ ଅନୁମୋଦିତ କରିଛି । ଯାହାକୁ ନେଇ ସମ୍ବଲପୁର ଜିଲ୍ଲା ବିଜେଡ଼ି ଏହାର ଦୃଢ଼ ବିରୋଧ କରିଛି । ଆଜି ପୂର୍ବତନ ବିଜେଡି ମନ୍ତ୍ରୀ ରୋହିତ ପୂଜାରୀଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ବାହାରି ଟାଟା ପାୱାରର ଶୋଷଣ ନୀତିକୁ ତୀବ୍ର ଭର୍ତ୍ସନା କରିଛନ୍ତି । ଟାଟା ପାୱାର ୱେସକୋ ସମୟର ବକେୟା ବିଦ୍ୟୁତ ବିଲ ଅସୁଲି କରିବା ପାଇଁ ବଳ ପ୍ରୟୋଗ ସହ ଗୁଣ୍ଡାରାଜ ଚଳାଇଛି । ଏପରିକି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଜୋର ଜବରଦସ୍ତ ବକେୟା ବିଲ ଅସୁଲି ପାଇଁ ଆବଶ୍ୟକ ସ୍ଥଳେ ବିଦ୍ୟୁତ ସଂଯୋଗ ମଧ ବିଚ୍ଛିନ୍ନ କରୁଛି । ଓଡିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ । ବିଦ୍ୟୁତ ଉତ୍ପାଦନ କରୁଥିବା ହୀରାକୁଦ ନଦୀବନ୍ଧ ପାର୍ଶ୍ୱରେ ସମ୍ବଲପୁର ଥିଲେ ମଧ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି । ଏହା ଛଡା ଯଦି ରାଜସ୍ଥାନ, ବିହାର ଓ ଦିଲ୍ଲୀ ଭଳି ସମୃଦ୍ଧିଶାଳୀ ରାଜ୍ୟମାନଙ୍କରେ ମାଗଣାରେ ବିଜୁଳି ଯୋଗାଇ ଦିଆଯାଉଛି, ତେବେ ଓଡିଶା ଭଳି ଏକ ପଛୁଆ ରାଜ୍ୟରେ ସାଧାରଣତଃ ଚାଷୀ, ଶ୍ରମିକ ଏବଂ ଆର୍ଥିକ ଅନୁନ୍ନତ ଜନତାଙ୍କୁ ମାଗଣାରେ ବିଜୁଳି ଦେବାରେ ବିଜେପି ଶାସିତ ରାଜ୍ୟ ଓ କେନ୍ଦ୍ର ସରକାର କାହିଁକି କୁଣ୍ଠାବୋଧ କରୁଛନ୍ତି ତାହା ସ୍ପଷ୍ଟ କରନ୍ତୁ । ଏହି ପରିପ୍ରେକ୍ଷୀରେ ବିଜେଡି ବର୍ତମାନର ରାଜ୍ୟ ସରକାରଙ୍କର ଜନବିରୋଧୀ ନିତୀକୁ ଦୃଢ ନିନ୍ଦା ଓ ବିରୋଧ କରିବା ସହିତ କିଛି ବୈଧତା ଦାବି ଉପସ୍ଥାପନ କରିଛି । ସେଗୁଡିକ ମଧରେ ସ୍ମାର୍ଟ ମିଟର ପ୍ରଚଳନ ଅବିଳମ୍ବେ ପ୍ରତ୍ୟାହାର, ୱେସକୋ ସମୟର ବକେୟା ବିଦ୍ୟୁତ ବିଲ୍ ଅସୁଲି ବନ୍ଦ, ନିର୍ବାଚନ ପ୍ରତିଶୃତି ମୁତାବକ ୩୦୦ ୟୁନିଟ ବିଦ୍ୟୁତ୍ ମାଗଣାରେ ଯୋଗାଯାଉ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ପ୍ରତ୍ୟେକ ମାସରେ ବିଦ୍ୟୁତ ବିଲ ପୈଠରେ ବିଳମ୍ବ ହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ବନ୍ଦ କରିବାକୁ ଦାବି କରିଛନ୍ତି। ବିଜୁ ଜନତା ଦଳ ଏହି ସ୍ମାରକ ପତ୍ର ମାଧମରେ ସର୍ତକ କରୁଛି ଯେ ଉପରୋକ୍ତ ଦାବୀ ଗୁଡିକ ଯଦି ଅବିଳମ୍ବେ ପୁରୁଣ ନ ହୁଏ ଆଗାମୀ ଦିନରେ ବିଜେଡି ବ୍ୟାପକ ଗଣ ଆନ୍ଦୋଳନ କରିବ ଓ ଏଥିପାଇଁ ସରକାର ଓ ଟାଟା ପାୱାର କର୍ତୃପକ୍ଷ ଉତରଦାୟୀ ହେବେ । ପୂର୍ବୋକ୍ତ ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବରିଷ୍ଠ ନେତୃବୃନ୍ଦ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଶାନ, ଅମୂଲ୍ୟ ମିଶ୍ର, ଅନାଦି ସାହୁ, ଉଦିତ କୁମାର ତ୍ରିପାଠୀ, ଚାଷୀ ନେତା ରାମସାଗର ସାହୁ, ମୁକୁନ୍ଦ ବେହେରା, ସଦାନନ୍ଦ କୁଜୁର, ଗୋପୀ ରଞ୍ଜନ ବେହେରା, ଉଷା ପ୍ରଧାନ, ବେଣୁଧର ଦାସ, ରୁଦ୍ର ଷଡ଼ଙ୍ଗୀ, ଏମ୍ ଡି ସନାଉଲା, ଏମ୍ ଡି ସିରାଜ୍, ହର୍ଦିପ ସିଂ ଭୁର୍ଯ୍ୟି, ଡଲି କଲେତ ବିଭିନ୍ନ ବିରୋଧୀ ମନ୍ତବ୍ୟ ଦେବା ପରେ ଧର୍ମରାଜ୍ ମରେଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭୁବନ ପଂଚାୟତ ସମିତିର ନବମ ଅଧିବେଶନ

## ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ

ଭୁବନ, ୨୨/୧ (ନି.ପ୍ର): ଭୁବନ ପଂଚାୟତ ସମିତି ର ନବମ ସାଧାରଣ ଅଧିବେଶନ ନିଳକଣ୍ଠପୁରସ୍ଥ ରାଜସ୍ୱ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି,କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚିତ ପ୍ରତିନିଧି ମାନଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବ ବିବରଣୀ ପାଠ କରାଯାଇ ଏହାକୁ ସର୍ବ ସମ୍ମତ କ୍ରମେ ଦୃଢ଼ୀକରଣ କରାଯାଇଥିଲା ।ସହିଦ ବୀର ବାଜି ରାଉତ ଙ୍କ ଜନ୍ମମାଟି ନିଳକଣ୍ଠପୁର କୁ ଐତିହ୍ୟ ଗ୍ରାମ ଘୋଷଣା କରାଯାଇଥିବା ବେଳେ ସହିଦ ଙ୍କ ଜନ୍ମ ଶତବାର୍ଷିକୀ ପାଳନ ପୂର୍ବରୁ ଗ୍ରାମର ବିକାଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ନହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଂଚ, ସମିତି ସଭ୍ୟ ମାନେ ଦାବି କରିଥିଲେ । ଅଚଳ ନଳକୂପ ଗୁଡ଼ିକୁ ସଚଳ କରାଯିବ ଓ ଦୁର୍ଗମ ଅଂଚଳକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ କହିଥିଲେ । ସରପଂଚ, ସମିତି ସଭ୍ୟ ମାନେ ରାସନ କାର୍ଡ, ଧାନମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ । ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ,ଜିଲ୍ଲା ପରିଷଦ ସଭ୍ୟ ଶିଳାରାଣୀ ସାହୁ,ରମେଶ ଚନ୍ଦ୍ର ସାହୁ,ସୁବାସ ମାଝୀ ଯୋଗଦେଇଥିଲେ । ବିଡ଼ିଓ ଆୟୁଶୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମିଶ୍ର ,ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଭୀମଭୋଇ ଲୋକ ମହୋତ୍ସବରେ ଆଲୋଚନାଚକ୍ର

ସମ୍ବଲପୁର, ୨୨/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ଆୟୋଜିତ ଭୀମଭୋଇ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ନାକଟିଦେଉଳ ମହାବିଦ୍ୟାଳୟ ଠାରେ ରେଢ଼ାଖୋଲ ଉପଖଣ୍ଡର ଲୋକ କଳା ସଂସ୍କୃତିର ସ୍ଥିତି ଓ ସନ୍ଥ କବି 'ଭୀମଭୋଇଙ୍କ ପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ନାକଟିଦେଉଳ ସରପଂଚ ସମ୍ମାନିତ ଅତିଥି ଏବଂ ବାଟଗାଁ ର ବାବା ଟଙ୍କଧର ପ୍ରଧାନ ଓ ଚନ୍ଦ୍ରପୁର ମହିମା ଆଶ୍ରମର ସାଧୁ କୃଷ୍ଣଚନ୍ଦ୍ର ତ୍ୟାଗୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ଅତିଥି ବୃନ୍ଦ ରେଢ଼ାଖୋଲ ଉପଖଣ୍ଡ ରେ ଲୋକକଳା ଓ ଲୋକ ସଂସ୍କୃତି ର ଧାରା, ଧାର୍ମୀକ ଜାଗରଣ ଓ ଜନଜୀବନ ରେ ଭୀମଭୋଇଙ୍କ ନୀତି ଆଦର୍ଶ ଏବଂ ଜଣାଣର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସୁଲଳିତ କଣ୍ଠରେ ସନ୍ଥ କବିଙ୍କ ଭଜନ ଗାନ କରିଥିଲେ । ଡ଼. ପୁଷ୍ପାଞ୍ଜଳି ରଚନା 'ଲୋକନାଟକ କ୍ରମରେ ଦଣ୍ଡ ର ମହତ୍ୱ, ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ନାକଟିଦେଉଳ ଅଂଚଳର ପଥର କଳା ଓ ଚିତ୍ର, ଅଧ୍ୟାପକ ସରୋଜ କୁମାର ଭୋଇ 'ଭୀମ ଭୋଇଙ୍କ ଜନ୍ମ ଏବଂ ସୃଷ୍ଟି, ଡ଼. ରାଜେନ୍ଦ୍ର କୁମାର ପଣ୍ଡା 'ଯୁଗ ଜ୍ୟୋତି ଭୀମ ଭୋଇ' ଓ ଜିତେନ୍ଦ୍ର ପଣ୍ଡା 'ଭୀମ ମଣ୍ଡଳୀ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ ସହିତ ଆଲୋଚନା କରିଥିଲେ । ନାକଟିଦେଉଳ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ହେମାନନ୍ଦ ପ୍ରଧାନ ପ୍ରାରମ୍ଭିକ ସୂଚନା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶେଷ ଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ହିଣ୍ଡାଲକୋ ଆର୍ଥିକ ସହାୟତାରେ ହୀରାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀକକ୍ଷ ନବୀକରଣ

ସମ୍ବଲପୁର, ୨୨/୧ (ନି.ପ୍ର): ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ହୀରାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନବୀକରଣ କରାଯାଇଛି । ଦୁର୍ଗାମନ୍ଦିର ଛକ ନିକଟରେ ଥିବା ହୀରାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହର ପୁନରୁଦ୍ଧାରର ଆବଶ୍ୟକତାକୁ ଆଖି ଆଗରେ ରଖି ସରକାରଙ୍କ ସହ ମିଶି ସହଭାଗୀତାରେ ସମସ୍ତ ଶ୍ରେଣୀ ଗୃହର ନବୀକରଣ ଓ ପୁନରୁଦ୍ଧାର କରାଯାଇଛି । ଛାତ୍ରଛାତ୍ରୀ ମାନେ ଯେପରି ନିରାପତାରେ ଶ୍ରେଣୀ କକ୍ଷରେ ବସି ପଢିପାରିବେ ସେହିପରି ଉପଯୋଗୀ କରାଯାଇଛି । ଏହାକୁ ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ, ହୀରାକୁଦ କ୍ଲଷ୍ଟରର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାନିଆଲ ବାରିକ ମିଳିତ ଭାବରେ ନବୀକରଣ ଶ୍ରେଣୀଗୃହ ଗୁଡିକୁ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ସିଏସଆର୍ ବିଭାଗର ମୁଖ୍ୟ ଆନନ୍ଦ ଚକ୍ରବର୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଳନ କୁମାର ସାହୁ ଓ ସନ୍ତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ବିଦ୍ୟାଳୟର ଶ୍ରେଣୀଗୃହ ନବୀକରଣ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଧ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ତଥା ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ କହିଥିଲେ ଯେ ହୀରାକୁଦ ଅଂଚଳର ସାମଗ୍ରିକ ବିକାଶ ପାଇଁ ହିଣ୍ଡାଲକୋ ସଦା ସର୍ବଦା କାର୍ଯ୍ୟ କରିଆସୁଛି । ବିଶେଷକରି ଶିକ୍ଷା କ୍ଷେତ୍ରରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଚେଷ୍ଟା ଆଗାମୀ ଦିନରେ ମଧ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପଂଚସଖା ସେତୁର ସଭାପତି ବିରେନ୍ଦ୍ର କୁମାର ଜେନା, ଉପସଭାପତି କାର୍ତିକ କଲେତ, ପ୍ରଧାନ ଶିକ୍ଷୟିତ୍ରୀ ସୁଦେଶ୍ନା ସାହୁ, ପୂର୍ବତନ ସିଆରସିସି ନମିତା ଧଳ, ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ମହନ୍ତ, ବବନ ସିଂଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ଓ ସାଧାରଣ ବହୁସଂଖ୍ୟାରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଦେଶ୍ନା ସାହୁ, ହିଣ୍ଡାଲକୋ ଏହି ମହତ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ହିଣ୍ଡାଲକୋ ଦ୍ୱାରା ତାଙ୍କରି ବିଦ୍ୟାଳୟର କରାଯାଉଥିବା ଅନେକ ଉନ୍ନତି ମୂଳକ କାର୍ଯ୍ୟକ୍ରମ ପାଇଁ ହିଣ୍ଡାଲକୋ'କୁ ଅନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକ ସହିତ ରାସ୍ତା କଡ଼କୁ ଖସି ଆରୋହୀ ଗୁରତର

କୋରାଇ, ୨୨/୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ନର୍ମିଟିକିରୀ ନିକଟରେ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇ ବାଇକ ସହିତ ରାସ୍ତା କଡ଼କୁ ଖସି ଗୁରତର ଭାବେ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲିର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ପୁରୀ ଜିଲ୍ଲାର ରାଜକିଶୋର ବାରିକଙ୍କ ପୁଅ ଚିତରଂଜନ ଏକ ବାଇକରେ ଯାଜପୁରରୁ ପାଣିକୋଇଲି ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ବାଇକ ସହିତ ରାସ୍ତା କଡ଼କୁ ଖସିଯାଇଥିଲେ। ଫଳରେ ଗୁରତର ଭାବେ ଚିତରଂଜନ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଓ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଂଚି ଗୁରୁତର ଚିତରଂଜନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଭାରତ ନିର୍ବାଚନ କମିଶନ ଦ୍ୱାରା ସମ୍ବର୍ଦ୍ଧିତ ହେବେ ନୂଆପଡା ଜିଲ୍ଲାପାଳ

ନୂଆପଡ଼ା, ୨୨/୧ (ନି.ପ୍ର): ଭାରତ ନିର୍ବାଚନ କମିଶନ ଦ୍ୱାରା ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କୁ ପତ୍ର ମଧ ମାଧମରେ ଜଣାଇ ଦିଆଯାଇଛି ଯେ, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଉତମ ନିର୍ବାଚନ ପରିଚାଳନା ଓ ଲଜିଷ୍ଟିକ୍ସ ପାଇଁ ଜାତୀୟ ଭୋଟର ଦିବସ ଅବସରରେ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ କରାଯିବ। ଏହି ପୁରସ୍କାର ୨୫ ଜାନୁଆରୀ, ୨୦୨୬ରେ ଦିଲ୍ଲୀ କ୍ୟାଂଟନମେଂଟ, ନୂଆଦିଲ୍ଲୀରେ ମାନେକ୍ସା ସେଣ୍ଟରରେ ପାଳନ ହେବାକୁ ଥିବା ଜାତୀୟ ଭୋଟର ଦିବସ ଦିନ ପ୍ରଦାନ କରାଯିବ। ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ ଯେ ନିକଟ ଅତୀତରେ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବଳିଷ୍ଠ ଦିଗ ଦର୍ଶନରେ ଅତ୍ୟନ୍ତ ସଫଳତାର ସହିତ ମୁକ୍ତ, ଅବାଧ ଏବଂ ନିରପେକ୍ଷ ଭାବରେ ନୂଆପଡ଼ା ବିଧାନସଭା ଉପନିର୍ବାଚନ ସମ୍ପନ୍ନ କରିଛନ୍ତି। ଏହି ଉପ-ନିର୍ବାଚନରେ ଅନେକ ଉତମ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ଅଂଚଳରେ ଲଜିଷ୍ଟିକ୍ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ହେଲିକପ୍ଟରକୁ ଅଭିନବ ଭାବରେ ବ୍ୟବହାର କରାଯାଇଥିଲା। ପ୍ରମୁଖ ଉଦ୍ଭାବନ ମଧରେ ଜିଆଇଏସ୍ ଆଧାରିତ ସର୍ଟି ଯୋଜନା ଥିଲା। ସମନ୍ୱିତ ଏୟାର-ଗ୍ରାଉଣ୍ଡ ସମନ୍ୱୟ ଏବଂ ଏୟାର ଏବଂ ଗ୍ରାଉଣ୍ଡ ରୁଟ୍ ମିଶ୍ରଣ କରି ଏକ ହାଇବ୍ରିଡ୍ ପରିବହନ ମଡେଲ୍ ଅନ୍ତର୍ଭୁକ୍ତ ଥିଲା। ପ୍ରତିକୂଳ ପାଗରେ ମଧ ନିର୍ବାଚନ କାର୍ଯ୍ୟକୁ ଆଗେଇ ନେବା ପାଇଁ ସୁନାବେଡାରେ ଏକ ସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ଫଳରେ 'କୌଣସି ଭୋଟର ଭୋଟ ଦାନରୁ ବଂଚିତ ହେବେ ନାହିଁ' ନୀତିକୁ ବଜାୟ ରଖି ଶତ ପ୍ରତିଶତ ପୋଲିଂ ଟିମ୍ ନିୟୋଜିତ କରିବା, ଶୂନ୍ୟ ପରିବହନ ଅଘଟଣ ଏବଂ ଭୋଟରଙ୍କ ଯୋଗଦାନ ବୃଦ୍ଧି କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ସୁରକ୍ଷିତ, ଦକ୍ଷ ଏବଂ ଅନ୍ତର୍ଭୁକ୍ତ ନିର୍ବାଚନ ପରିଚାଳନାକୁ ସୁନିଶ୍ଚିତ କରିଥିଲା, ଯାହା ଦୁର୍ଗମ କଷ୍ଟକର ଅଂଚଳରେ ଭବିଷ୍ୟତ ନିର୍ବାଚନ ପାଇଁ ସମଗ୍ର ଦେଶରେ ଏକ ମାନଦଣ୍ଡ ସ୍ଥାପନ କରିଥିଲା। ଆହୁରି ମଧ ଏହି ନିର୍ବାଚନରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ କରାଯାଇଥିଲା ।

# ସାଧାରଣ ପେଟ ରୋଗକୁ କରନ୍ତୁ ନାହିଁ ଅଣଦେଖା : ନଚେତ୍ ହୋଇପାରେ ଘାତକ



ଅଜୀର୍ଣ୍ଣ, ପେଟଫମ୍ପା, କୋଷ୍ଠକାଠିନ୍ୟ, ତରଳ ଝାଡ଼ା, ଉଦରୀୟ ଅଶ୍ୱସ୍ତି ଏବଂ ମାତ୍ରାଧିକ ଗ୍ୟାସ୍ ଭଳି ଉଦର ସମସ୍ୟାକୁ ସାଧାରଣତଃ ଉପେକ୍ଷା କରାଯାଇଥାଏ । ଫଳତଃ, ପେଟରେ କର୍କଟରୋଗ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଲା ବେଳକୁ ଧରାପଡ଼େ । ତେଣୁ, ପ୍ରାରମ୍ଭରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଆନ୍ତ୍ରିକ କର୍କଟ ରୋଗର ମୂଳ କାରଣ ହେଉଛି ଦୀର୍ଘକାଳୀନ ଅନ୍ତ୍ର ସଂକ୍ରମଣ । ଏଥିଯୋଗୁଁ ଅନ୍ତ୍ରନଳୀ ଭିତର ପାର୍ଶ୍ୱ ଥରକୁ ଥର କ୍ଷତାକ୍ତ ହେବା ସହିତ ମରାମତି ହେଉଥାଏ। ଏହାଦ୍ୱାରା ସେଠାରେ ଥିବା ଜୀବକୋଷ ସବୁ ଚାପଗ୍ରସ୍ତ ହୋଇଥାଆନ୍ତି। ପରିଶେଷରେ ଗୁଣସୂତ୍ରଗତ ରୂପାନ୍ତରଣ ଘଟି କର୍କଟରୋଗ ସୃଷ୍ଟି କରାନ୍ତି। ପ୍ରକୃତରେ ସବୁ ଖାଦ୍ୟ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟକର ନୁହେଁ। ଶରୀର ପ୍ରତି ଖାଦ୍ୟ ଭଲ କି ମନ୍ଦ ତାହା ନିର୍ଭର କରେ ଅନ୍ତ୍ରରେ ଥିବା କୋଟି କୋଟି ଅଣୁଜୀବଙ୍କ ଉପରେ। ସେମାନେ ହିଁ ହଜମକ୍ରିୟା, ରୋଗପ୍ରତିରୋଧକ ଶକ୍ତି ଓ ସଂକ୍ରମଣ ବା ପ୍ରଦାହକୁ ନିୟନ୍ତ୍ରଣ କରନ୍ତି। କିନ୍ତୁ ଆଭାକାଡୋ ଜୀର୍ଣ୍ଣ କରିବା ଲାଗି ଯଦି କାହା ଅନ୍ତ୍ରରେ ଉପଯୁକ୍ତ ଅଣୁଜୀବ ନ ଥିଲେ ତାହା ଆନ୍ତ୍ରିକ ପ୍ରଦାହ ସୃଷ୍ଟି କରିବ । ତେଣୁ, ଅନ୍ତ୍ରନଳୀରେ ଅଣୁଜୀବଙ୍କ ଉପସ୍ଥିତିଗତ ତାରତମ୍ୟ ରହିଲେ ଖାଦ୍ୟ ଠିକ୍ ରୂପେ ବିଘଟିତ ହୁଏ ନାହିଁ। ଫଳସ୍ୱରୂପ ଅନ୍ତ୍ରରେ ସଂକ୍ରମଣ ଘଟି ଛିଦ୍ର ହୋଇଯାଏ । ସେ ଛିଦ୍ର ମଧ୍ୟ ଦେଇ ପ୍ରଦାହକାରୀ ମଲିକ୍ୟୁଲ୍ ଓ ବିଷାକ୍ତ ପଦାର୍ଥ ବାହାରି ରକ୍ତସ୍ରୋତରେ ମିଶି ପ୍ରଦାହ ସୃଷ୍ଟି କରେ। କାଳକ୍ରମେ ଅନ୍ତ୍ର ପ୍ରଦାହ ପୁରାତନ ହୋଇ କଲୋରେକ୍ଟାଲ୍ କ୍ୟାନ୍ସର, ଗ୍ୟାଷ୍ଟ୍ରିକ୍ କ୍ୟାନ୍ସର, ପାନ୍କ୍ରିଏଟିକ୍ କ୍ୟାନ୍ସର ଭଳି ରୋଗ ହୁଏ । ତେଣୁ, ଦୀର୍ଘ କାଳ ଅଜୀର୍ଣ୍ଣ, ଅମ୍ଳ ହାକୁଟି ଲାଗିରହିଲେ, ଖାଇବା ପରେ ପେଟ ଫାମ୍ପିଲେ, ଅସମୟରେ ଝାଡ଼ା ଲାଗିଲେ, ମଳରେ ରକ୍ତ ପଡ଼ିଲେ, ଅକାରଣରେ ଓଜନ ହ୍ରାସ ହେଲେ, କ୍ଳାନ୍ତ ଲାଗିଲେ ଅଥବା ରକ୍ତହୀନତା ଭଳି ଉପସର୍ଗର ନିଦାନ ନକରି ଉପେକ୍ଷା କଲେ ହୁଏତ କର୍କଟ ରୋଗ ହୋଇ ଅନେକ ବିଳମ୍ବରେ ଚିହ୍ନଟ ହେବ। ତେଣୁ, ହେଳା ନ କରି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଉପରୋକ୍ତ ଉପସର୍ଗଗୁଡ଼ିକର କାରଣ ଚିହ୍ନଟ କରିବା ଆବଶ୍ୟକ।

# ଓଜନ କମାଇବାର ବେଷ୍ଟ ଫର୍ମୁଲା : ଫଲୋ କରନ୍ତୁ ଫିଟନେସ୍ ଟ୍ରେନରଙ୍କ ସହଜ ଟିପ୍ସ



ବର୍ଷ ହେବାକୁ ଆଉ କେଇଟା ଦିନ ବାକି ରହିଲା। ଆପଣ ଭାବୁଥିବେ ଆରେ, ବର୍ଷ ସରିଗଲାଣି ହେଲେ ମୋ ଫିଟନେସ୍ ପାଇଁ ମୁଁ ୨୦୨୫ ରେ ଯେଉଁ ଟାର୍ଗେଟ ରଖିଥିଲି ଅଧାରେ ରହିଗଲା । ଏ କଥାରେ ଆପଣ ହୁଏତ କିଛି ସମୟ ପାଇଁ ବ୍ୟତିବ୍ୟସ୍ତ ହୋଇପାରନ୍ତି କିନ୍ତୁ ଏବେବି ସମୟ ହାତରୁ ଯାଇନି । ଖୁବ୍ କମ୍ ଦିନରେ ମାନେ ପୁରୁଣା ବର୍ଷ ସରିବା ଆଗରୁ ଆପଣଙ୍କ ଫିଟନେସ୍ ଟାର୍ଗେଟ୍ ପୂରଣ ହୋଇଯିବ । ଆପଣଙ୍କ ଓଜନ ବି କମିଯିବ ।

ଆପଣ ଭାବୁଥିବେ କେମିତି , ସଟ କଟ୍ ତ କିଛି ନାହିଁ । ଖୁସିର କଥା ହେଉଛି ସୋସିଆଲ ମିଡିଆର ପ୍ରଭାବଶାଳୀ ଫିଟନେସ୍ ଟ୍ରେନର ଏବଂ ନ୍ୟୁଟ୍ରିସନର ଆମାକାଙ୍କର କିଛି ସହଜ ଟିପ୍ସ ଆପଣଙ୍କ ଫିଟନେସ୍ ଟାର୍ଗେଟକୁ ପୂରା କରିବ। ଅମାକାଙ୍କ କହିବା କଥା, ଆପଣଙ୍କ ଛୋଟ ଛୋଟ ଅଭ୍ୟାସରେ ପରିବର୍ତ୍ତନ ଖୁବ୍ କମ୍ ସମୟରେ ଆପଣଙ୍କ ଓଜନ କମାଇବାରେ ଖୁବ୍ ସହାୟକ ହେବ ।

ଏପରି କିଛି ଅଭ୍ୟାସ ହେଉଛି :

ସକାଳର ପାନୀୟ: ଅମାକା କୁହନ୍ତି ସକାଳର ଆରମ୍ଭ ଉଷୁମ ପାଣି ସହ ଆପଲ ସିଡାର ଭିନେଗାର ମିଶ୍ରଣ ପାନୀୟ ସହ କରନ୍ତୁ । ଏହା ଯାଦୁକରୀ ପାନୀୟ ନହେଲେ ବି ଗ୍ୟାସ ସମସ୍ୟା, ପେଟ ଫୁଲିବା, ମିଠା ଖାଇବାର ଲାଳସାକୁ କମାଇଦିଏ ।

ହାଲୁକା ଖାଦ୍ୟ ଖାଆନ୍ତୁ : ଦିନରେ ହାଲକା ଖାଇବା ଖାଆନ୍ତୁ । ପରିବାର ସୁପ୍ ସହ ଗୋଲମରିଚ ଗୁଣ୍ଡ ମିଶାଇ ନେଇପାରିବେ। ଏହାସହ ମାଛ, ଚିକେନ୍, ମାଂସକୁ ବି ଖାଦ୍ୟରେ ସାମିଲ କରିପାରନ୍ତି। ଏହାସହ କାର୍ବୋ ମାତ୍ରା ଥିବା ଅଳ୍ପ ପରିମାଣର ଭାତ ସହ ସିଝା ଆଳୁ ବି ଖାଇପାରିବେ ।

ସପ୍ତାହକୁ ୫ ଦିନ ଏକ୍ସରସାଇଜ୍ : ଓଜନ କମାଇବାକୁ ନିୟମିତତା ରକ୍ଷା କରିବା ନିହାତି ଜରୁରି । ଅମାକାଙ୍କ କହିବା ଅନୁସାରେ, ସପ୍ତାହକୁ ଅନ୍ତତଃ ୫ ଦିନ ୩୦ରୁ ୪୫ ମିନିଟ୍ ବ୍ୟାୟାମ କରିବାକୁ କାଢ଼ନ୍ତୁ । ଏଥିରେ ଫ୍ୟାଟ୍ ବର୍ଣ୍ଣ ହୁଏ ।

ଜୀବନଶୈଳୀକୁ ଗୁରୁତ୍ୱ: କେବଳ ଖାଇବା ପିଇବା ଉପରେ ନୁହେଁ ବରଂ ପୂରା ଲାଇଫ ଷ୍ଟାଇଲରେ ସମତା ରକ୍ଷା କରିବା ନିହାତି ଜରୁରି । ଠିକ୍ ସମୟରେ ଶୋଇବା, ଡେରି ରାତିଯାଏଁ ସ୍କ୍ରିନିଂରୁ ନିଜକୁ ଦୂରେଇ ରଖିବା ସୋସିଆଲ ମିଡିଆରେ ଅତି କମ୍ ସମୟ ରହିବା ଜୀବନକୁ ସୁସ୍ଥ ଓ ସହଜ କରେ । ଦେଖିବେ ମୋବାଇଲ ଠାରୁ ଦୂରେଇ ରହିଲେ ଆପଣଙ୍କ ଶରୀର ଉପରେ ଏହାର ଭଲ ପ୍ରଭାବ ଅନୁଭବ ହେବ ହିଁ ହେବ ।

ରାତିରେ ଗ୍ରୀନ୍ ଟି ପିଅନ୍ତୁ : ରାତି ସମୟରେ ଯଦି କିଛି ଗରମ ପିଇବାକୁ ଇଚ୍ଛା ହୁଏ ତାହେଲେ ଗ୍ରୀନ ଟି ହିଁ ପିଅନ୍ତୁ । ଏହା ଡେରି ରାତିରେ କିଛି ଖାଇବାର ଇଚ୍ଛାକୁ ବି ହ୍ରାସ କରେ । କିନ୍ତୁ ମନେରଖନ୍ତୁ ଶୋଇବା ବହୁତ ଆଗରୁ ଗ୍ରୀନ ଟି ପିଅନ୍ତୁ ।

ଅମାକାଙ୍କର କହିବା କଥା, ଓଜନ କମାଇବାକୁ କିଛି ସଟକଟ୍ ନଥିଲେ ବି ଛୋଟଛୋଟ ଅଭ୍ୟାସଗତ ପରିବର୍ତ୍ତନ ଖୁବ୍ କମ୍ ସମୟରେ ଓଜନ କମାଇବାରେ ନିଶ୍ଚୟ ସହାୟକ ହେବ ।

# ଶୀତଦିନେ ଏମିତି ନିଅନ୍ତୁ ନିଜ ତ୍ୱଚାର ଯତ୍ନ

ତ୍ୱଚା ଅଧିକ ଟ୍ୟାନ୍ ହୋଇଯାଏ ମାନେ ଖରାରେ କଳା ପଡ଼ିଯାଏ । ତେଣୁ ଏଥିପ୍ରତି ଆମେ ଅଧିକ ଯତ୍ନବାନ୍ ହେବା ଜରୁରୀ । ଘରେ ମଧ୍ୟ ଆମେ ବିଭିନ୍ନ ଉପାୟମାନ କରି ଏହାକୁ ଦୂର କରିପାରିବା। ଚାଲନ୍ତୁ ଘରେ ତିଆରି କରିବା କମଳା ଫେସ୍ ପ୍ୟାକ୍। ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ । ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ



ମିଶାନ୍ତୁ । ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଫାଇଦା ଆଣିଥାଏ। ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ୍ୟ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ମୁଲାୟମ ହେବ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ । ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ , ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ । ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ । ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିହେବ। ଧୋଇବା ସମୟରେ ଗୋଲାକାରଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ । ତେବେ ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ ।

# ଏହି ସମୟରେ ଚୋବାଇ ଖାଆନ୍ତୁ ୨ଟି ଲବଙ୍ଗ: ମିଳିବ ଆଶ୍ଚର୍ଯ୍ୟଜନକ ଫାଇଦା

ଭାରତୀୟ ରନ୍ଧାଶାଳରେ ବ୍ୟବହୃତ ହେଉଥିବା ମସଲା କେବଳ ଖାଦ୍ୟର ସ୍ୱାଦ ବଢାଇବା ପାଇଁ ନୁହେଁ, ବରଂ ଏହାର ଔଷଧୀୟ ଗୁଣ ପାଇଁ ମଧ୍ୟ ବେଶ୍ ଜଣାଶୁଣା । ଏଥିମଧ୍ୟରୁ ଲବଙ୍ଗ ବହୁତ ଖାସ୍। ଆୟୁର୍ବେଦ ଅନୁସାରେ ଲବଙ୍ଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଦିନ ଅପେକ୍ଷା ରାତିରେ ଲବଙ୍ଗ ଖାଇବା ଦ୍ୱାରା ଶରୀରକୁ ଦ୍ୱିଗୁଣିତ ଫାଇଦା ମିଳିଥାଏ । ନିକଟରେ କିଛି ବିଶିଷ୍ଟ ପୁଷ୍ଟିବିତ୍ ବା ନ୍ୟୁଟ୍ରିସନିଷ୍ଟ ଏନେଇ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଯେକୌଣସି ଜିନିଷର ଅତ୍ୟଧିକ ସେବନ କ୍ଷତିକାରକ ହୋଇପାରେ । ଲବଙ୍ଗର ପ୍ରକୃତି ଗରମ , ତେଣୁ ଜଣେ ସୁସ୍ଥ ବ୍ୟକ୍ତି ରାତିରେ ଶୋଇବା ପୂର୍ବରୁ ମାତ୍ର ଦୁଇଟି ଲବଙ୍ଗ ଖାଇବା ଉଚିତ୍ । ଏହାକୁ ଭଲ ଭାବରେ ଚୋବାଇ ଖାଇବା ପରେ ଗୋଟିଏ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ଏହାର ଔଷଧୀୟ ଗୁଣ ଶରୀରରେ ଶୀଘ୍ର କାମ କରିଥାଏ । ରାତିରେ ଲବଙ୍ଗ ଖାଇବାର ଅନେକ ଚମତ୍କାରୀ ଫାଇଦା ରହିଛି । ଯଦି ଆପଣଙ୍କର କୋଷ୍ଠକାଠିନ୍ୟ, ଗ୍ୟାସ୍ କିମ୍ବା ଏସିଡିଟି ଭଳି ପେଟ ଜନିତ ସମସ୍ୟା ରହିଛି, ତେବେ ରାତିରେ ଦୁଇଟି ଲବଙ୍ଗ ଚୋବାଇ ଉଷୁମ ପାଣି ପିଇବା ଅଭ୍ୟାସ କରନ୍ତୁ । ଏଥିରେ ଥିବା ଫାଇବର ଏବଂ



ଆଣ୍ଟି-ଅକ୍ସିଡାଣ୍ଟ ହଜମ ପ୍ରକ୍ରିୟାକୁ ସୁଧାରିବାରେ ବିଶେଷ ସାହାଯ୍ୟ କରେ । ଏହାବ୍ୟତୀତ ଲବଙ୍ଗରେ ଭିଟାମିନ୍ ସି ଏବଂ ଜିଙ୍କ୍ ଭରପୂର ମାତ୍ରାରେ ଥାଏ । ରାତିରେ ଏହାକୁ ସେବନ କଲେ ଶରୀରରେ ଶ୍ୱେତ ରକ୍ତ କଣିକା ବୃଦ୍ଧି ପାଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ଭାଇରାଲ୍ ସଂକ୍ରମଣ, ଥଣ୍ଡା ଓ କାଶରୁ ରକ୍ଷା କରିଥାଏ ।

ଲବଙ୍ଗ କେବଳ ପେଟ ପାଇଁ ନୁହେଁ, ବରଂ ଲିଭର ଏବଂ ଦାନ୍ତ ପାଇଁ ମଧ୍ୟ ବରଦାନ ସଦୃଶ । ଏଥିରେ 'ୟୁଜେନୋଲ୍' ନାମକ ଏକ ତତ୍ତ୍ୱ ଥାଏ, ଯାହା ଲିଭରକୁ ବିଷାକ୍ତ ପଦାର୍ଥ ମୁକ୍ତ ବା ଡିଟକ୍ସ କରିବାରେ ସାହାଯ୍ୟ କରେ । ସେହିପରି ରାତିରେ ଲବଙ୍ଗ ଚୋବାଇ ଶୋଇଲେ ମୁଖ ଗହ୍ୱରରେ ଥିବା କ୍ଷତିକାରକ ବ୍ୟାକ୍ଟେରିଆ ନଷ୍ଟ ହୁଅନ୍ତି, ଯାହା ଦାନ୍ତ ବିନ୍ଧା କମାଇବା ସହ ସକାଳେ ପାଟିରୁ ଦୁର୍ଗନ୍ଧ ଆସିବା ବନ୍ଦ କରେ । ଏହାସହ ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଗଣ୍ଠି ବାତ କିମ୍ବା ଶରୀର ବିନ୍ଧା କମାଇବାରେ ସାହାଯ୍ୟ କରେ । ତେବେ ସ୍ୱାସ୍ଥ୍ୟବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ ଯେହେତୁ ଲବଙ୍ଗ ଶରୀରରେ ଉତ୍ତାପ ସୃଷ୍ଟି କରେ, ତେଣୁ ଗର୍ଭବତୀ ମହିଳା କିମ୍ବା ପାଇଲ୍ସ ରୋଗୀ ଡାକ୍ତରଙ୍କ ପରାମର୍ଶ ବିନା ଏହାକୁ ଅଧିକ ଖାଇବା ଅନୁଚିତ୍ ।




ଶୀତ ଋତୁରେ ବଜାରରେ ଅନେକ ପ୍ରକାରର ସବୁଜ ପନିପରିବା ଓ ଫଳମୂଳର ପସରା ଦେଖିବାକୁ ମିଳେ । ତେବେ ଏସବୁ ମଧ୍ୟରେ ଯଦି କୌଣସି ଗୋଟିଏ ଫଳ ସବୁଠାରୁ ଲୋକପ୍ରିୟ, ଶସ୍ତା ଏବଂ ଗୁଣକାରୀ ଥାଏ, ତେବେ ତାହା ହେଉଛି ପିଜୁଳି । ଶୀତୁଆ ସକାଳ କିମ୍ବା ଖରାବେଳେ ଲୁଣ ଓ ଲଙ୍କା ଗୁଣ୍ଡ ମିଶା ପିଜୁଳି ଖାଇବାର ମଜା କିଛି ନିଆରା । ଅନେକ ଲୋକ ଏହାକୁ 'ଗରିବଙ୍କ ସେଓ' ବୋଲି ଆଦରରେ କହିଥାନ୍ତି ସତ, କିନ୍ତୁ ଏହାର ଔଷଧୀୟ ଗୁଣ ଦାମୀ ସେଓ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହା କେବଳ ଜିଭର ଲାଳସା ମେଣ୍ଟାଏ ନାହିଁ, ବରଂ ଶରୀରକୁ ଅନେକ ମାରାତ୍ମକ ରୋଗରୁ ରକ୍ଷା କରିବାରେ ଏକ ପ୍ରାକୃତିକ କବଚ ଭଳି କାମ କରେ ।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପିଜୁଳିରେ କମଳା ଲେମ୍ବୁ ଠାରୁ ମଧ୍ୟ ଅଧିକ ମାତ୍ରାରେ ଭିଟାମିନ୍-ସି ରହିଥାଏ । ଶୀତଦିନେ ସାଧାରଣତଃ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଥଣ୍ଡା, କାଶ ଲାଗିରହେ । ଏଭଳି ସ୍ଥିତିରେ ନିୟମିତ ପିଜୁଳି ଖାଇବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ପାଏ । ଯେଉଁମାନଙ୍କର କୋଷ୍ଠକାଠିନ୍ୟ ବା ପେଟ ସଫା ନ ହେବା ଭଳି ସମସ୍ୟା ରହିଛି, ସେମାନଙ୍କ ପାଇଁ ପିଜୁଳି ଏକ ବରଦାନ ସଦୃଶ । ଏଥିରେ ଥିବା ପ୍ରଚୁର ଫାଇବର ହଜମ ପ୍ରକ୍ରିୟାକୁ ସୁଧାରିବାରେ ସାହାଯ୍ୟ କରେ ।



ମଧୁମେହ ରୋଗୀମାନେ ଅନେକ ମିଠା ଫଳ ଖାଇବାକୁ ଭୟ କରନ୍ତି, କିନ୍ତୁ ପିଜୁଳିର ଗ୍ଲାଇସେମିକ ଇଣ୍ଡେକ୍ସ ବହୁତ କମ୍ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ବଢାଏ ନାହିଁ, ବରଂ ନିୟନ୍ତ୍ରଣରେ ରଖେ । ଏହା ବ୍ୟତୀତ ହୃଦରୋଗ ଆଶଙ୍କା କମାଇବା, ଦୃଷ୍ଟିଶକ୍ତି ବଢାଇବା ଏବଂ ମାନସିକ ଚାପ ଦୂର କରିବାରେ ମଧ୍ୟ ପିଜୁଳିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ତ୍ୱଚାରେ ଚମକ ଆଣିଥାଏ ଏବଂ ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ଉତ୍ତମ ବିକଳ୍ପ ସାବ୍ୟସ୍ତ ହୁଏ ।

ତେବେ ଯେତେ ଉପକାରୀ ହେଲେ ମଧ୍ୟ ପିଜୁଳି ଖାଇବାର ସଠିକ୍ ସମୟ ଓ ତରିକା ଜାଣିବା ନିହାତି ଆବଶ୍ୟକ । ଆୟୁର୍ବେଦ ଅନୁସାରେ, ସନ୍ଧ୍ୟା ପରେ କିମ୍ବା ରାତିରେ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଏହାର ପ୍ରକୃତି ଶୀତଳ ହୋଇଥିବାରୁ ରାତିରେ ଖାଇଲେ କାଶ ଓ ଥଣ୍ଡା ବଢିବାର ଆଶଙ୍କା ଥାଏ । ସବୁଠାରୁ ଭଲ ହେବ ଯଦି ଆପଣ ଦିନବେଳା ଖରା ଥିବା ସମୟରେ, ବିଶେଷକରି ମଧ୍ୟାହ୍ନ ଭୋଜନର କିଛି ସମୟ ପୂର୍ବରୁ କିମ୍ବା ଅପରାହ୍ନରେ ଏହାକୁ ଖାଆନ୍ତି । ସକାଳେ ଏକଦମ୍ ଖାଲି ପେଟରେ ମଧ୍ୟ ପିଜୁଳି ନ ଖାଇବା ଭଲ । ପିଜୁଳିକୁ କାଟି ସେଥିରେ ଅଳ୍ପ କଳା ଲୁଣ ମିଶାଇ ଖାଇଲେ ଏହା କେବଳ ସୁଆଦିଆ ଲାଗେ ନାହିଁ, ବରଂ ସହଜରେ ହଜମ ହୁଏ ଏବଂ ପେଟରେ ଗ୍ୟାସ୍ ସମସ୍ୟା ସୃଷ୍ଟି କରେ ନାହିଁ । ତେଣୁ ଏହି ଶୀତ ଋତୁରେ ନିଜ ଖାଦ୍ୟ ତାଲିକାରେ ପିଜୁଳିକୁ ନିଶ୍ଚୟ ସାମିଲ କରନ୍ତୁ ।

# ରୋଗ ଗାୟବ କରେ ଗ୍ରୀନ୍ ମଟର: ଶୀତଦିନେ ଖାଆନ୍ତୁ ପ୍ରଚୁର

ଶୀତ ଋତୁରେ ଅନେକ ପ୍ରକାରର ପନିପରିବା ମିଳେ, ଯାହା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ପରିବା ବଜାରରେ ଏବେ ସ୍ପ୍ରିଙ୍ଗ୍ ଓନିୟନ୍ , ତଟକା ଫୁଲକୋବି , ଦେଶୀ ବିନ୍ସ , ବନ୍ଧାକୋବି , ବ୍ରୋକୋଲି ଆଦି ନାନା 'ୱିଣ୍ଟର୍ ଭେଜିଟେବଲ' ର ଆସର ଜମିଛି । ଏଥିମଧ୍ୟରୁ ଗ୍ରୀନ୍ ମଟର ପ୍ରତି ଲୋକଙ୍କ ଅଧିକ ଚାହିଦା ବଢିଛି । ଗ୍ରୀନ୍ ମଟରର ତରକାରୀ , ପରଟା ଖାଇବା ପାଇଁ ପିଲାଙ୍କ ଭିତରେ ମଧ୍ୟ ଆଗ୍ରହ ବଢୁଛି । ଖାଲି ପାଟିକୁ ସୁଆଦିଆ ନୁହଁ , ସୁସ୍ଥ ଶରୀର ପାଇଁ ମଧ୍ୟ ଗ୍ରୀନ୍ ମଟର ଖୁବ୍ ଲାଭଦାୟକ । ତେବେ ଆସନ୍ତୁ ଜାଣିବା ଗ୍ରୀନ୍ ମଟର ଆମ ଶରୀରକୁ ସୁସ୍ଥ କରିବା ଦିଗରେ କେମିତି କାମ କରେ । ମଟର ଏକ ସୁପରଫୁଡ୍, ଯାହା ପ୍ଲାଣ୍ଟ-ବେସ୍ଡ ପ୍ରୋଟିନ୍, ଫାଇବର ଏବଂ ଆବଶ୍ୟକ ଭିଟାମିନରେ ଭରପୁର । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁଜ ମଟର ଖାଇବା ଯେତିକି ସ୍ୱାଦିଷ୍ଟ ତାଠୁ ବେଶି ସ୍ୱାସ୍ଥ୍ୟ ହିତକର । ଆସନ୍ତୁ ଜାଣିବା ଶୀତଦିନେ ମଟର କାହିଁକି ଖାଇବା ଉଚିତ ଗ୍ରୀନ୍ ମଟର ଖାଇଲେ କେଉଁ ରୋଗ ଭଲ ହୁଏ । ଶୀତଦିନେ ମଟର କାହିଁକି ଖାଇବା ଉଚିତ୍ ସବୁଜ ମଟର ପୋଷକ ତତ୍ତ୍ୱରେ ଭରପୁର ଥାଏ । ମଟରରେ ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍, ଫୋଲେଟ୍, ଫାଇବର, ମ୍ୟାଗ୍ନେସିୟମ୍, ଫସଫରସ୍ ଏବଂ ପୋଟାସିୟମ୍ ଭଳି ଅନେକ ଜରୁରୀ ପୋଷକ ତତ୍ତ୍ୱ ରହିଛି । ଏହା ବ୍ୟତୀତ ମଟର ପ୍ରୋଟିନରେ ଭରପୁର ଅଟେ । ଏଥିରେ ଆମିନୋ ଏସିଡ୍ ମଧ୍ୟ ପ୍ରଚୁର ପରିମାଣରେ ମିଳିଥାଏ। ଶାକାହାରୀମାନଙ୍କ ପାଇଁ ଏହାକୁ ପ୍ରୋଟିନର ସବୁଠାରୁ ଭଲ ଉତ୍ସ ବୋଲି କୁହାଯାଇପାରେ । ଖାଦ୍ୟରେ ନିୟମିତ ମଟର ସାମିଲ କରିବା ଦ୍ୱାରା ପ୍ରୋଟିନର ଅଭାବ ହେବ ନାହିଁ ଏବଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଦେଶ ମୋହ ଭଙ୍ଗ: ଶିକ୍ଷା ବ୍ୟୟ ହ୍ରାସ ଏବଂ ବଦଳୁଥିବା ଆର୍ଥିକ ଚିତ୍ର

ବିଗତ କିଛି ଦଶନ୍ଧି ଧରି ଭାରତୀୟ ମଧ୍ୟବିତ୍ତ ଏବଂ ଉଚ୍ଚବିତ୍ତ ବର୍ଗର ପରିବାରମାନଙ୍କ ମଧ୍ୟରେ ବିଦେଶ ଭ୍ରମଣ ଏବଂ ବିଶେଷ କରି ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବା ଏକ ପ୍ରମୁଖ ଆକାଂକ୍ଷା ଭାବରେ ରହିଆସିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପ୍ରକାଶିତ ତଥ୍ୟ ଏହି ଧାରାରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି । ଲିବରାଲାଇଜଡ୍ ରେମିଟାନ୍ସ ସ୍କିମ୍ (ଏଲଆରଏସ) ଅଧୀନରେ ଭାରତୀୟମାନଙ୍କ ଦ୍ୱାରା ବିଦେଶରେ କରାଯାଉଥିବା ଖର୍ଚ୍ଚ ଦୁଇ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିଛି । ଏହି ହ୍ରାସ ପଛରେ ସବୁଠାରୁ ବଡ଼ କାରଣ ହେଉଛି ବିଦେଶରେ ଶିକ୍ଷା ବାବଦରେ ହେଉଥିବା ବ୍ୟୟରେ ନାଟକୀୟ ପତନ ।

ଆରବିଆଇର ତଥ୍ୟ ଅନୁଯାୟୀ, ଭାରତୀୟମାନଙ୍କ ଦ୍ୱାରା ବିଦେଶକୁ ପଠାଯାଉଥିବା ଅର୍ଥର ପରିମାଣରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ବିଶେଷକରି ଅନ୍ତର୍ଜାତୀୟ ଶିକ୍ଷା କ୍ଷେତ୍ରରେ ଏହି ହ୍ରାସ ସବୁଠାରୁ ଅଧିକ ଚିନ୍ତାଜନକ ତଥା ଗୁରୁତ୍ୱପୂର୍ଣ୍ଣ ଅଟେ । ପୂର୍ବରୁ ଆମେରିକା, କାନାଡା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ଭଳି ଦେଶଗୁଡ଼ିକ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଏହି ପରିବର୍ତ୍ତନର ମୁଖ୍ୟ କାରଣଗୁଡ଼ିକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ଏହା କେବଳ ଭାରତୀୟ ଅର୍ଥନୀତିର ଘରୋଇ ନୀତି ଯୋଗୁଁ ନୁହେଁ, ବରଂ ବିଦେଶୀ ରାଷ୍ଟ୍ରଗୁଡ଼ିକର କଠୋର ନୀତି ଏବଂ ସେଠାକାର ଆର୍ଥିକ ଅସ୍ଥିରତା ଯୋଗୁଁ ସମ୍ଭବ ହୋଇଛି । ଉଦାହରଣ ସ୍ୱରୂପ, କାନାଡା ଏବଂ ଭାରତ ମଧ୍ୟରେ ଲାଗି ରହିଥିବା କୂଟନୈତିକ ବିବାଦ ଏବଂ କାନାଡା ସରକାରଙ୍କ ଦ୍ୱାରା ଅନ୍ତର୍ଜାତୀୟ ଛାତ୍ର ଭିସା ସଂଖ୍ୟାରେ କଟକଣା ଲଗାଯିବା ଫଳରେ ବହୁ ସଂଖ୍ୟକ ଭାରତୀୟ ଛାତ୍ର ସେଠାକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି । ସେହିପରି ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ମଧ୍ୟ ନିଜର ଅଭିବାସନ (ଇମିଗ୍ରେସନ୍) ନୀତିକୁ କଠୋର କରିଛନ୍ତି, ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ ପଢିବା ପରେ ସେଠାରେ ରହି ଚାକିରି କରିବା କଷ୍ଟକର ହୋଇପଡିଛି । ଏହି ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆର୍ଥିକ ବାସ୍ତବତା । ପାଶ୍ଚାତ୍ୟ ଦେଶଗୁଡ଼ିକରେ ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ଜୀବନଯାପନ ଖର୍ଚ୍ଚ ଆକାଶଛୁଆଁ ହେବା କାରଣରୁ ମଧ୍ୟବିତ୍ତ ପରିବାର ପାଇଁ ପିଲାଙ୍କୁ ବିଦେଶ ପଠାଇବା ଏକ ବଡ଼ ଆର୍ଥିକ ବୋଝ ପାଲଟିଛି। ପୂର୍ବରୁ ଛାତ୍ରଛାତ୍ରୀମାନେ ପାଠ ପଢିବା ସହିତ ପାର୍ଟ ଟାଇମ୍ ଚାକିରି କରି ନିଜର ଖର୍ଚ୍ଚ ବହନ କରିପାରୁଥିଲେ । କିନ୍ତୁ ବର୍ତ୍ତମାନ ବିକଶିତ ଦେଶଗୁଡ଼ିକରେ ମନ୍ଥର ଅର୍ଥନୀତି ଯୋଗୁଁ ଚାକିରିର ଅଭାବ ଦେଖାଦେଇଛି । ଏହା ସହିତ ଟଙ୍କା ତୁଳନାରେ ଡଲାରର ମୂଲ୍ୟ ବୃଦ୍ଧି ପାଇବା ଫଳରେ ଶିକ୍ଷା ଋଣର ବୋଝ ମଧ୍ୟ ବଢିଯାଇଛି । ଫଳସ୍ୱରୂପ, ବିଦେଶୀ ଡିଗ୍ରୀ ହାସଲ କରିବା ପରେ ମିଳୁଥିବା ବେତନ ଏବଂ ଏଥିପାଇଁ ହେଉଥିବା ଖର୍ଚ୍ଚ ମଧ୍ୟରେ ଥିବା ଅସନ୍ତୁଳନ (Return on Investment) ଛାତ୍ରଛାତ୍ରୀମାନଙ୍କୁ ଦ୍ୱନ୍ଦରେ ପକାଇଛି । ଏହା ଏକ ସ୍ପଷ୍ଟ ସଙ୍କେତ ଯେ ଭାରତୀୟ ଛାତ୍ରଛାତ୍ରୀମାନେ ବର୍ତ୍ତମାନ କେବଳ ଏକ 'ବିଦେଶୀ ଟ୍ୟାଗ୍' ପାଇଁ ଅନ୍ଧ ଭାବରେ ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ନୁହନ୍ତି, ବରଂ ସେମାନେ ଅଧିକ ବାସ୍ତବବାଦୀ ଏବଂ ହିସାବୀ ହୋଇପଡିଛନ୍ତି । ଏହା ବ୍ୟତୀତ, ଭାରତ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଟିକସ ନିୟମାବଳୀର ପ୍ରଭାବକୁ ମଧ୍ୟ ଏଡାଇ ଦିଆଯାଇପାରିବ ନାହିଁ । ବିଦେଶକୁ ପଠାଯାଉଥିବା ଟଙ୍କା ଉପରେ ଉତ୍ସରୁ ଟିକସ ସଂଗ୍ରହ (Tax Collected at Source - TCS) ବ୍ୟବସ୍ଥାରେ ପରିବର୍ତ୍ତନ ଲୋକମାନଙ୍କ ନଗଦ ପ୍ରବାହ (ଉଦବୃଷ ରକ୍ଷକ୍ବଙ୍ଗ) ଉପରେ ପ୍ରଭାବ ପକାଇଛି । ଯଦିଓ ଶିକ୍ଷା ପାଇଁ ନିଆଯାଇଥିବା ଋଣ ଉପରେ ଟିସିଏସ୍ ହାର କମ୍ ରହିଛି, ତଥାପି ଅନ୍ୟାନ୍ୟ ଖର୍ଚ୍ଚ ଏବଂ ଭ୍ରମଣ ଉପରେ ୨୦ ପ୍ରତିଶତ ଟିସିଏସ୍ ଲାଗୁ ହେବା ପରେ ଲୋକମାନେ ଖର୍ଚ୍ଚ କରିବା ପୂର୍ବରୁ ଦୁଇଥର ଚିନ୍ତା କରୁଛନ୍ତି । ତେବେ ରିପୋର୍ଟ ଅନୁଯାୟୀ, ଭ୍ରମଣ ଖର୍ଚ୍ଚ ତୁଳନାରେ ଶିକ୍ଷା ଖର୍ଚ୍ଚରେ ହୋଇଥିବା ହ୍ରାସ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଏକ ଦୀର୍ଘମିଆଦି ନିଷ୍ପତ୍ତି ଉପରେ ଆଧାରିତ। ଶିକ୍ଷା ବାବଦରେ ଅର୍ଥ ପ୍ରବାହ କମିବା ଅର୍ଥ ହେଉଛି ଭବିଷ୍ୟତରେ ବିଦେଶକୁ ମାନବ ସମ୍ବଳ ରପ୍ତାନିରେ ମଧ୍ୟ ହ୍ରାସ ଘଟିପାରେ । ଏହି ତଥ୍ୟରୁ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଭାରତୀୟ ଅଭିଭାବକମାନେ ବର୍ତ୍ତମାନ ବିଦେଶୀ ଡିଗ୍ରୀର ପ୍ରକୃତ ମୂଲ୍ୟାୟନ କରୁଛନ୍ତି ଏବଂ କେବଳ ନାମକରା ବିଶ୍ୱବିଦ୍ୟାଳୟ ବ୍ୟତୀତ ଅନ୍ୟ ସାଧାରଣ କଲେଜଗୁଡ଼ିକରେ ଟଙ୍କା ଖର୍ଚ୍ଚ କରିବାକୁ ଇଚ୍ଛୁକ ନୁହନ୍ତି । ଏହି ପରିସ୍ଥିତି ଭାରତ ପାଇଁ ଏକକାଳୀନ ଏକ ଆହ୍ୱାନ ଏବଂ ସୁଯୋଗ ମଧ୍ୟ ଅଟେ । ଗୋଟିଏ ପଟେ, ବିଦେଶକୁ ଯାଉଥିବା ବିପୁଳ ପରିମାଣର ବୈଦେଶିକ ମୁଦ୍ରା (Forex) ଦେଶ ମଧ୍ୟରେ ସଞ୍ଚିତ ରହିବା ଅର୍ଥନୀତି ପାଇଁ ଶୁଭଙ୍କର । ଅନ୍ୟ ପଟେ, ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ ବିଦେଶ ଯାଇପାରୁନାହାନ୍ତି, ସେମାନଙ୍କ ପାଇଁ ଦେଶ ଭିତରେ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଯୋଗାଇଦେବା ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଏକ ବଡ଼ ଦାୟିତ୍ୱ । ଯଦି ଭାରତର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ବିଶ୍ୱସ୍ତରୀୟ ଗବେଷଣା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ, ତେବେ ଏହି 'ବ୍ରେନ୍ ଡ୍ରେନ୍' (ମେଧା ପଳାୟନ) ପ୍ରକ୍ରିୟାକୁ ସ୍ଥାୟୀ ଭାବରେ ରୋକାଯାଇପାରିବ । ସମ୍ପ୍ରତି ଅନେକ ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତରେ ନିଜର କ୍ୟାମ୍ପସ ଖୋଲିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଏବଂ ଗିଫ୍ଟ ସିଟି (GIFT City) ଭଳି ସ୍ଥାନରେ ଏଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ଏହା ଛାତ୍ରଛାତ୍ରୀମାନଙ୍କୁ କମ୍ ଖର୍ଚ୍ଚରେ ବିଶ୍ୱସ୍ତରୀୟ ଶିକ୍ଷା ପାଇବାର ସୁଯୋଗ ଦେବ ଏବଂ ବିଦେଶକୁ ଯିବାର ଆବଶ୍ୟକତାକୁ ହ୍ରାସ କରିବ।

ବିଦେଶରେ ଶିକ୍ଷା ବ୍ୟୟରେ ହୋଇଥିବା ଏହି ହ୍ରାସ କେବଳ ଏକ ସାମୟିକ ଘଟଣା ନୁହେଁ, ବରଂ ଏହା ବିଶ୍ୱୀକରଣର ଏକ ନୂତନ ପର୍ଯ୍ୟାୟକୁ ସୂଚାଉଛି । ଯେତେବେଳେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସଂରକ୍ଷଣବାଦୀ ନୀତି ଆପଣାଉଛନ୍ତି, ଭାରତୀୟମାନେ ନିଜର ଅର୍ଥ ବିନିଯୋଗ ନେଇ ଅଧିକ ସତର୍କ ହୋଇଛନ୍ତି । ଏହି ଧାରା ଯଦି ଅବ୍ୟାହତ ରହେ, ତେବେ ଏହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହୋଇପାରେ । କିନ୍ତୁ ଏଥିପାଇଁ ସରକାର ଏବଂ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡିବ, ଯାହାଫଳରେ ଛାତ୍ରଛାତ୍ରୀମାନେ ବାଧ୍ୟବାଧକତାରେ ନୁହେଁ ବରଂ ସ୍ୱଇଚ୍ଛାରେ ଭାରତରେ ରହି ପଢିବାକୁ ପସନ୍ଦ କରିବେ । ଆଗାମୀ ଦିନରେ ଅନ୍ତର୍ଜାତୀୟ ଭୂ-ରାଜନୀତି ଏବଂ ଅର୍ଥନୀତି କେଉଁ ମୋଡ଼ ନେଉଛି, ତାହା ଉପରେ ଏହି ଧାରାର ଭବିଷ୍ୟତ ନିର୍ଭର କରିବ, କିନ୍ତୁ ବର୍ତ୍ତମାନ ପାଇଁ ଏହା ନିଶ୍ଚିତ ଯେ ଅନ୍ଧ ବିଦେଶ ମୋହରେ ଏକ ବଡ଼ ବ୍ରେକ୍ ଲାଗିଛି ।

# ବିନୋଦ ଚନ୍ଦ୍ର ମେହେର : ଜୀବନ-ବୃତ୍ତ



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**




ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ୨୦୨୪ ମସିହାରେ ଯେଉଁ ଦୁଃଖଦ ବିୟୋଗ ଘଟିଗଲା, ସେଇ ଦିନ ଠାରୁ କବି ପରିବାରର ପରିବେଶ ରହିଥିଲା ପ୍ରାୟ ସର୍ବଦା ନିସ୍ତବ୍ଧ ଓ ଉଦାସ। ତା ୨୨/ ୦୧/ ୨୦୨୭ ଦିନ କବିପୁତ୍ର ଭଗବାନ ମେହେର ଓ କବିଙ୍କ ପୁତ୍ରବଧୂ ପାର୍ବତୀ ଦେବୀଙ୍କ କୋଳ ମଣ୍ଡନ କଲେ ବିନୋଦ ଚନ୍ଦ୍ର ମେହେର। ଏହି ଶୁଭ ସଂକେତ ପରିବାରରେ ସୃଷ୍ଟି କରିଥିଲା ଅଭିନବ ପ୍ରଫୁଲ୍ଲତାର ଏକ ପବିତ୍ର ଭାବ - ତରଙ୍ଗ। କବି ଗଙ୍ଗାଧରଙ୍କ ଆଶୀର୍ବାଦର ଏକ ପ୍ରତୀକ ଭାବରେ ନବ ଜନ୍ମିତ - ସନ୍ତାନଙ୍କ ମୁଖମଣ୍ଡଳ ସମସ୍ତଙ୍କ ମନୋଜଗତକୁ କରିଦେଲା ଆଲୋକ ଉଦ୍ଭାସିତ। ବିନୋଦ ଚନ୍ଦ୍ର ହେଲେ ସ୍ୱଭାବ-କବିଙ୍କ ତୃତୀୟ ପୌତ୍ର। ମେହେର କବି ପଡ଼ାରେ ମଧ୍ୟ ଘରେ ଘରେ ଖେଳି ଯାଇଥିଲା ଆନନ୍ଦର ଲହରୀ। ନୂତନ ପୁତ୍ର ସନ୍ତାନଟିକୁ ଦେଖି ପୁଲକିତ ହୋଇ ଉଠିଲେ ସମସ୍ତେ। ଏହି ସୁସମ୍ବାଦ ରେମଣ୍ଡା ଗ୍ରାମ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଗଲା। ମାମୁଁ ଘରରୁ କେହି ନ ଆସିବା ପର୍ଯ୍ୟନ୍ତ, ଉତ୍ସାହରେ କଣ ପୂର୍ଣ୍ଣତା ଆସେ!! ମାମୁଁ ପରୀକ୍ଷିତଙ୍କ ସହ ମାଈଙ୍କ ଆଗମନ ବିନୋଦଙ୍କ ଶୁଭ ଆବିର୍ଭାବକୁ କରିଦେଲା ଅଧିକ ଅର୍ଥପୂର୍ଣ୍ଣ। ସମସ୍ତଙ୍କ ଶୁଭାଶୀର୍ବାଦରେ ଘର ହୋଇ ଉଠିଲା ପରିପୂର୍ଣ୍ଣ।

ଶୈଶବର ସଂଗୀତ : ବିନୋଦ ଚନ୍ଦ୍ରଙ୍କ ଶୈଶବ ସମୟ ବହୁ ଦୃଷ୍ଟିରୁ ରହିଥିଲା ଆନନ୍ଦମୟ। ବଡ଼ ଭଉଣୀ ଶକୁନ୍ତଳା, ବଡ ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ଓ ନବୀନ ଚନ୍ଦ୍ର, ଅନ୍ୟ ବଡଭଉଣୀ ବସନ୍ତଲକ୍ଷ୍ମଙ୍କ ସହିତ କେତେ ଖେଳ କୌତୁକରେ ବିତିଯାଏ ଦିନ। ପଡ଼ାର ସାଙ୍ଗସାଥିମାନେ ବିନୋଦଙ୍କ ଅତି ପ୍ରିୟ। ସେମାନଙ୍କ ଆଗ୍ରହ, ଉଦ୍ଦୀପନାର ବଳୟ ଭିତରେ କେତେ ଖୁସିର ମୁହୂର୍ତ୍ତ ନଇ ସୁଅ ପରି ବିତିଯାଏ। କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଆସେ। ଶ୍ରାଦ୍ଧ ପାଳନ ହୁଏ। କେତେ ଅନ୍ତରଙ୍ଗ ବନ୍ଧୁ ବାନ୍ଧବଙ୍କ ସମାବେଶରେ ପରିପୂର୍ଣ୍ଣ ହୋଇଯାଏ କବି ଭବନ। ବିନୋଦ ଏକ ଏକ ବିଶେଷ ଅବସରରେ ଗଙ୍ଗାଧରଙ୍କ ଫୋଟଚିତ୍ରକୁ ଦେଖନ୍ତି ଏକ ଲୟରେ। ତାଙ୍କର ମନେହୁଏ ପିତାମହ ମଧ୍ୟ ତାଙ୍କୁ ଦେଖୁଛନ୍ତି। ମନେ ମନେ ଭାବନ୍ତି : ଦାଦା! ମୁଁ ତୁମକୁ ଦେଖି ପାରିଲିନି କାହିଁକି ?

ଶିକ୍ଷକଙ୍କ ପ୍ରଶ୍ନରେ ଉଦବେଳିତ ହୃଦୟ : ପ୍ରାଥମିକ ବିଦ୍ୟାଳୟରେ ସେ ପଢୁଥିବା ସମୟର ଏକ ଘଟଣା। ବିନୋଦ ଯାହା କେବେ କଳ୍ପନା କରି ନଥିଲେ, ଶିକ୍ଷକ ମହାଶୟ ସେପରି ଏକ ପ୍ରଶ୍ନରେ ହତଚକିତ କରିଦେଲେ ତାଙ୍କୁ। ସେ ପଚାରିଲେ : ବାବୁ ତୁମେ ତୁମର କବି ଦାଦା ଗଙ୍ଗାଧର ମେହେରଙ୍କୁ ଦେଖିଛ ?

ନିର୍ବାକ, ନିସ୍ପନ୍ଦ ହୋଇ କେତେ କ୍ଷଣ ରହିଗଲେ ବିନୋଦ। ଦୁଇ ଆଖି ତାଙ୍କର ଜକେଇ ଆସିଲା। ଛୁଟି ପରେ ଘରକୁ ପହଂଚିବା ମାତ୍ରକେ ଯେମିତି ନଈବନ୍ଧ ଉଛୁଳି ଉଠିଲା। ମାଙ୍କୁ ଜାବୁଡି ଧରି ସେ କାନ୍ଦିବାକୁ ଲାଗିଲେ ଭୋଭୋ କରି। ପାର୍ବତୀ ଦେବୀ ଯେତେବେଳେ ଜାଣିଲେ ପୁତ୍ରର ଅସମ୍ଭାଳ କ୍ରନ୍ଦନର କାରଣ, ସେତିକି ବେଳେ ସାନ୍ତ୍ୱନା ପ୍ରଦାନ କରି ପ୍ରକୃତିସ୍ଥ କଲେ ପ୍ରଥମେ ପୁତ୍ରକୁ। ତାଙ୍କ ଆଖିରୁ ମଧ୍ୟ ଧାର ଧାର ଲୁହ ଝରି ପଡୁଥାଏ। ନିଜକୁ ମଧ୍ୟ ଶାନ୍ତ ରଖି ଧୀର କଣ୍ଠରେ କହିଲେ: ବାବୁରେ!! ତୋ କବି ଦାଦାଙ୍କ ପରି ମହାପୁରୁଷଙ୍କ ମୃତ୍ୟୁ ନଥାଏ। ସେମାନେ ତାଙ୍କର ନଶ୍ୱର ଶରୀରଟି ମାତ୍ର ତ୍ୟାଗ କରିଥାନ୍ତି। କିନ୍ତୁ ନିଜ ରଚିତ କାବ୍ୟ କବିତା, ପୁସ୍ତକ ମଧ୍ୟରେ ସେମାନେ ବଞ୍ଚି ରହିଥାନ୍ତି ଚିରଦିନ। ତୁ ବଡ଼ ହେଲେ ସବୁକଥା ନିଶ୍ଚୟ ବୁଝି ପାରିବୁ। ବିନୋଦ ଚନ୍ଦ୍ରଙ୍କ ଉତ୍ତପ୍ତ ହୃଦୟରେ ମା'ସତେ କି ଚନ୍ଦନ ପ୍ରଲେପିତ କରିଦେଲେ ଆଉ ତା ସହିତ ଜେଜେ ଆଉ ନାତିଙ୍କ ମଧ୍ୟରେ ପ୍ରତିଷ୍ଠିତ କରିଦେଲେ ଏକ ସୂକ୍ଷ୍ମ ଯୋଗସୂତ୍ର।

ଛାତ୍ର ଜୀବନ ଅତିବାହିତ ହେଲା:

ଛାତ୍ରଜୀବନର ଅନୁଭୂତି : ପ୍ରଥମେ ବରପାଲି ଏମ. ଇ ସ୍କୁଲରେ ସେ ପ୍ରବେଶ କରନ୍ତି। ପରେ ବରଗଡ଼ ଜର୍ଜ ହାଇସ୍କୁଲରେ ପଢ଼ି ୧୯୪୪ ମସିହାରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି। ଘର ବାହାରେ ରହି ଅଧ୍ୟୟନ କରିବାର ଏ ଅନୁଭୂତି ଥିଲା ତାଙ୍କ ପାଇଁ ପ୍ରଥମ।ଏହା ପରେ ଆଇ. ଏ କ୍ଲାସରେ ପଢିବା ପାଇଁ ସେ ଯାଆନ୍ତି ବଲାଙ୍ଗୀର ସରକାରୀ କଲେଜକୁ।

ଏହାର ପରବର୍ତ୍ତୀ ଅଧ୍ୟୟନ କ୍ଷେତ୍ରହୁଏ ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର। ଦର୍ଶନରେ ଅନର୍ସ ରଖି ସେ ଉତ୍ତୀର୍ଣ୍ଣ ହୁଅନ୍ତି ଏଠାରୁ ୧୯୫୦ ମସିହାରେ। ସେହି ସମୟରେ କଲେଜ ଅଧ୍ୟକ୍ଷ ଥାଆନ୍ତି ବିଶିଷ୍ଟ କବି ଡକ୍ଟର ମାୟାଧର ମାନସିଂହ।ବିନୋଦ ଚନ୍ଦ୍ର ମାନସିଂହଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବାର ସୌଭାଗ୍ୟ ଲାଭ କରିଥିଲେ ସେତେବେଳେ। ପୂଜ୍ୟ ପିତା ଭଗବାନ ମେହେର ଓ ପୂଜ୍ୟ ଶିକ୍ଷକ ମାନସିଂହଙ୍କ ମଧ୍ୟରେ ସେ ହିଁ ଥିଲେ ଉପଯୁକ୍ତ ସୂତ୍ରଧର। ସାଂସାରିକ ଜୀବନ: ମଧୁର ନିର୍ଝର: ସେହି ୧୯୪୯ ମସିହାରେ ତାଙ୍କର ବୈବାହିକ ଜୀବନ ଆରମ୍ଭ ହେଲା। ଯିଏ ଆସିଲେ କବିପରିବାରକୁ ବଧୂ ଭାବରେ ସେହି ଦୃଷ୍ଟି ଲତା ମେହେର। ଉଭୟଙ୍କ କୋଳ ମଣ୍ଡନ କରିଥିଲେ ସାତ ଜଣ ପୁତ୍ର କନ୍ୟା-ମିହିର, ମଞ୍ଜୁ, ମନସ୍ୱିନୀ, ମନୋଜ୍ଞ, ମହେଶ, ମିନତୀ ଓ ମହାଶ୍ୱେତାଥବୁଇଧ। ପୁତ୍ର ମନୋଜ୍ଞଙ୍କ ଅକାଳ ବିୟୋଗରେ ଶୋକ ଜର୍ଜରିତ ହୋଇଯାଇଥିଲା ତାଙ୍କ ହୃଦୟ ଓ ସମଗ୍ର କବିପରିବାର। ପରବର୍ତ୍ତୀ ସମୟରେ ପୁତ୍ର ମହେଶ ଥକୁନୁଧଙ୍କ ଆବିର୍ଭାବ ପରେ ସାନ୍ତ୍ୱନା ଲାଭ କରିଥିଲେ ସମସ୍ତେ। ଅନେକ ଦୃଷ୍ଟିରୁ ବିନୋଦ ଚନ୍ଦ୍ରଙ୍କ ପାରିବାରିକ ଜୀବନ ଥିଲା ଆନନ୍ଦମୟ। ପତି ପତ୍ନୀଙ୍କ ମଧ୍ୟରେ ସଚରାଚର ଯେଉଁ ଦାମ୍ପତ୍ୟ କଳହ ସୃଷ୍ଟି ହୁଏ, ସେଥିରୁ ବହୁ ଦୂରବର୍ତ୍ତୀ ରହିଥାନ୍ତି ବିନୋଦ ଚନ୍ଦ୍ର ଓ ଲତା।

କର୍ମମୟ ଜୀବନ: ବରପାଲିରୁ ଭୁବନେଶ୍ୱର : ୧୯୫୦ ମସିହାରୁ ୧୯୫୫ପର୍ଯ୍ୟନ୍ତ ସେ ବରପାଲି ହାଇସ୍କୁଲରେ ଶିକ୍ଷକତା କରିଥିଲେ। ତାଙ୍କ ଶିକ୍ଷାଦାନ ଓ ଜୀବନାଦର୍ଶ ଦ୍ୱାରା ଛାତ୍ର ସମାଜ କିପରି ଅନୁପ୍ରାଣିତ ହୋଇଥିଲେ ତାହା ଗଭୀର ଭାବରେ ଅନୁଭୂତ ହୋଇଥାଏ। ତାଙ୍କ ନାମ ଉଚ୍ଚାରଣ କରିବା ମାତ୍ରକେ ତାଙ୍କ ପ୍ରିୟ ଛାତ୍ରମାନଙ୍କ ବଦଳି ଯାଏ ହାବ ଭାବ। ବଦଳି ଯାଏ ଆଖିର ଦୃଶ୍ୟ।୧୯୫୫ ମସିହାରେ ଭୁବନେଶ୍ୱର ସଚିବାଳୟ ଅର୍ଥ ବିଭାଗରେ ନିଯୁକ୍ତି ଲାଭ କରନ୍ତି ସେ। ତାଙ୍କ ସମ୍ପାଦନାରେ 'ସଂଚୟ', 'ଜନ କଲ୍ୟାଣ 'ନାମକ ଦୁଇ ପତ୍ରିକା ମଧ୍ୟ ପ୍ରକାଶିତ ହୁଏ। ନିଜ ସହକର୍ମୀମାନଙ୍କ ସହିତ ତାଙ୍କର ନିଃସ୍ୱାର୍ଥ ବନ୍ଧୁତା, କବି ଲେଖକଙ୍କ ସହ ଆତ୍ମୀୟତା, ପଡୋଶୀମାନଙ୍କ ସହ ଉଦାର ବୁଝାମଣା ସର୍ବୋପରି ତାଙ୍କର କାର୍ଯ୍ୟ ଦକ୍ଷତା ତଥା ନିଷ୍ଠା ପାଇଁ ତାଙ୍କର ସ୍ଥାନ ଥିଲା ସ୍ୱତନ୍ତ୍ର। ୧୯୮୫ ମସିହାରେ ସେ ଅବସର ଗ୍ରହଣ କରନ୍ତି ସେକ୍ସନ ଅଫିସର ପଦରୁ। ଭୁବନେଶ୍ୱର ରହଣୀ କାଳ ମଧ୍ୟରେ ଯେଉଁମାନେ ବରପାଲି ବା ପଶ୍ଚିମ ଓଡିଶାରୁ ଯାଇଥାନ୍ତି ସେମାନଙ୍କ କାର୍ଯ୍ୟ କିପରି ଯଥାଶୀଘ୍ର ସାଧିତ ହେବ ସେଥିପାଇଁ ନିରତ ରହିଥାନ୍ତି ଉଦ୍ୟମଶୀଳ। ତାଙ୍କର ଏହି ସଦିଚ୍ଛା କେହି ବାସ୍ତବିକ ଭୁଲିଯିବା ଆଦୌ ସମ୍ଭବ ହୋଇନାହିଁ।

ଜନ୍ମଭୂମିର ଆହ୍ୱାନ : ବରପାଲି ପ୍ରତ୍ୟାବର୍ତ୍ତନ: ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ନିଯୁକ୍ତି ଲାଭ ପରେ ସୁଦୀର୍ଘ କାଳ କର୍ମମୟ ଜୀବନ ଏଠାରେ ବିତାଇଥାନ୍ତି ସେମାନେ ଆଉ ଜନ୍ମଭୂମିକୁ ଫେରିଯିବାକୁ ପ୍ରାୟ ଚାହିଁ ନଥାନ୍ତି। ବିନୋଦ ଚନ୍ଦ୍ରଙ୍କ ମନୋବୃତ୍ତି ଥିଲା ସ୍ୱତନ୍ତ୍ର। ସେ ବରପାଲି ଫେରିଗଲେ ନିଜର ଯୌଥ ପରିବାର ସହିତ ଅନ୍ତିମ ଜୀବନ ଅତିବାହିତ କରିବା ପାଇଁ॥ ସପରିବାର ତାଙ୍କର ବରପାଲି ଆଗମନ ଦ୍ୱାରା କବି ପରିବାରରେ ପରିପୂର୍ଣ୍ଣତାର ମହାର୍ଘ ଆନନ୍ଦ ସଞ୍ଚରି ଗଲା। ବରପାଲି ଜନସାଧାରଣ କବିଙ୍କ ଚାରି ନାତିଙ୍କୁ ଗୋଟିଏ ଘରେ ଦେଖିବାର ସୁଯୋଗ ଲାଭ କରି ଅପୂର୍ବ ପରିତୃପ୍ତି ଅନୁଭବ କରିପାରୁଥିଲେ। ଚାରି ଭାଇ ପରିବାରରେ ରହୁଥିବାରୁ ଘରଟି ମଧ୍ୟ ଦେଖା ଯାଉଥିଲା କି ସୁନ୍ଦର!! ଉଛୁଳି ଉଠୁଥିବା ସ୍ୱଚ୍ଛ ସରୋବର ପରି ସ୍ନେହପୂର୍ଣ୍ଣ। ଚାରି ଭାଇ ଓ ଘରର ତତ୍ତ୍ୱାବଧାନରେ ରହିଥିବା କବିଙ୍କ ନାତୁଣୀ ବସନ୍ତଲା, ଯେତେବେଳେ କୌଣସି ବିଚାର ବିମର୍ଶ ପାଇଁ ଏକତ୍ରିତ ହୁଅନ୍ତି ତାହା ଥିଲା କି ଦର୍ଶନୀୟ। କି ଅନ୍ତରଙ୍ଗ ଆଉ ଆଲୋକସ୍ନାତ!!

ପତ୍ନୀ ବିୟୋଗର ବେଦନା: ଆଶ୍ଚର୍ଯ୍ୟ କଥା ତା ୧୬. ୦୬. ୧୯୮ ଅଚାନକ ହୃଦଘାତରେ ଆଖି ବୁଜିଦେଲେ ସେ। କେତେ ଆଶା ଓ ଭରସା ନେଇ ସେ ଆସିଥିଲେ ବରପାଲି। ଘରର ସମସ୍ତେ ତାଙ୍କ ସୁଧକ୍ଷମୟ ସମ୍ବୋଧନରେ ମୁଗ୍ଧ ବିଭୋଉ ହୋଇଯାଆନ୍ତି ଗୋଟାପଣେ। ଏହି ଘଟଣା ବିନୋଦଙ୍କ ଜୀବନର ଏକ କରୁଣତତମ ଅଧ୍ୟାୟ।

ଅଶାନ୍ତିମୟ ଅନ୍ତିମ ଜୀବନ: ବରପାଲି ଫେରି ଆସିବା ପରେ ତାଙ୍କର ପ୍ରଥମ ଲକ୍ଷ୍ୟ ଥିଲା ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗଙ୍ଗାଧର ମେହେର କ୍ଲବପାଠାଗାରରର ପୁନର୍ଗଠନ କରିବା। ସେ ଲକ୍ଷ୍ୟକଲେ ଏକଦା ଯେଉଁମାନେ ଥିଲେ ତାଙ୍କର ଏକାନ୍ତ ଅନୁଗତ ଓ ବିଶ୍ୱସ୍ତ ସେମାନେ ହୋଇ ଯାଇଛନ୍ତି ସମ୍ପୂର୍ଣ୍ଣ ପରିବର୍ତ୍ତିତ। ଯେଉଁ ଗଙ୍ଗାଧର ସ୍ମୃତିଭବନ ଓ ତାହାର ପରିସର ହେଉଛି ସର୍ବ ସାଧାରଣଙ୍କ ସମ୍ପତ୍ତି ତାହାକୁ କ୍ଲବ ନାମରେ ମ୍ୟୁଟେସନ କରିବା ପାଇଁ ଆବେଦନ ପ୍ରେରିତ। ସେ ଏହାର ଦୃଢ଼ ପ୍ରତିବାଦ କରି ହୋଇଗଲେ ଅପ୍ରିୟ। ସେହିପରି ନିଜ ଯୌଥ ପରିବାରକୁ ଐକ୍ୟବଦ୍ଧ କରି ରଖିବା ପାଇଁ ଯେଉଁ ସୁଚିନ୍ତିତ ଯୋଜନା କରିଥିଲେ ତାହା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। କବିଙ୍କ ଜନ୍ମଗୃହର ମୌଳିକତା ରକ୍ଷା ନିମନ୍ତେ ଯେଉଁ ପ୍ରୟାସ କଲେ, ସେଥିପାଇଁ ହେଲେ ତିରସ୍କୃତ। ଗଙ୍ଗାଧର ସ୍ମୃତିରକ୍ଷା: ତଥାପି ଅପୂର୍ବ ଧୈର୍ଯ୍ୟ ଧାରଣ କରି ସେ ଗଙ୍ଗାଧର ସାହିତ୍ୟ ପରିଷଦର ପୁନର୍ଗଠନରେ ଧ୍ୟକ୍ଷନସ୍ଥ ହୋଇଥିଲେ। ଗଠନ କରିଥିଲେ ଗଙ୍ଗାଧର କଳା ପରିଷଦ। ଗଙ୍ଗାଧର ସାହିତ୍ୟ ଓ ସଂଗୀତର ପ୍ରଚାର ପ୍ରସାର ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଆପଣାକୁ ଉତ୍ସର୍ଗ କରିଦେଇଥିଲେ।

କଳା ଓ ସାହିତ୍ୟର ସର୍ଜନା: ବିନୋଦ ଚନ୍ଦ୍ରଙ୍କ ଚିତ୍ରାଙ୍କନ ଥିଲା ଦୃଷ୍ଟି ଆକର୍ଷକ। ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣ ଓ ମାନବ ଚରିତ୍ର ରୂପାୟନର ଦକ୍ଷତା ଉତ୍ତରାଧିକାରୀ ଭାବରେ ଯେମିତି ଓହ୍ଲାଇ ଆସିଥିଲା ତାଙ୍କ ନିକଟକୁ। କେବଳ ପେନସିଲ ବ୍ୟବହାର କରି ସେ ଅଙ୍କନ କରିଥିଲେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ଗଙ୍ଗାଧର ମେହେରଙ୍କ ଛବି ନିଖୁଣ ଭାବରେ। ପ୍ରାକୃତିକ ଦୃଶ୍ୟର ଅଙ୍କନ ବେଳେ ରଙ୍ଗୀନ ପେନସିଲ ବ୍ୟବହାର କରିଛନ୍ତି। ଏକାଧାରରେ ସେ ପୁଣି ଥିଲେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଉଚ୍ଚକୋଟୀର ଅଭିନେତା,କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ। ତାଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ ହେଉଛି 'ଜନ୍ମ ଜାତକଓ ଯୌତୁକ' ଓ 'ଗଙ୍ଗାଧର ପ୍ରସଙ୍ଗ।' ଗଙ୍ଗାଧରଙ୍କୁ କେନ୍ଦ୍ର କରି ଅନେକଙ୍କ ମନରେ ରହିଥିବା ଭ୍ରାନ୍ତି ସେ ଦୂର କରିବାର ଚେଷ୍ଟା କରିଛନ୍ତି। ଦୂରଦର୍ଶନ ଓ ଆକାଶବଣୀରେ ମଧ୍ୟ ତାଙ୍କ ନାଟକ ପ୍ରସାରିତ। ନିଜକୁ ଚିତ୍ରଶିଳ୍ପୀ ବା ସାହିତ୍ୟ ସାଧକ ବୋଲି ପରିଚୟ ଦେବା ପାଇଁ ସେ ସର୍ବଦା ରହୁଥିଲେ ସଂକୁଚିତ।

ମହାପ୍ରୟାଣ: ଜନ୍ମମାଟିରେ ସଂସ୍କାର : ତାଙ୍କର ଆନ୍ତରିକ ଇଚ୍ଛା ରହିଥିଲା ନିଜ ଜନ୍ମମାଟିରେ ଅନ୍ତିମ ନିଃଶ୍ୱାସ ତ୍ୟାଗ କରିବା ପାଇଁ। କିନ୍ତୁ ଜ୍ୟେଷ୍ଠ ପୁତ୍ର ମିହିର କୁମାରଙ୍କ ପାଖରେ ଭୁବନେଶ୍ୱର ଠାରେ ରହୁଥିବା ବେଳେ ଗମ୍ଭୀର ଭାବରେ ସେ ହୋଇ ପଡ଼ିଥିଲେ ଅସୁସ୍ଥ।ତା ୦୨. ୧୧. ୨୦୦୭ ରେ ତାଙ୍କର ଦୁଃଖଦ ଦେହାବସକ୍ଷନ ଘଟିଲା। ଜନ୍ମମାଟି ବରପାଲି ସ୍ୱର୍ଗଦ୍ୱାର ଠାରେ ତାଙ୍କର ସଂସ୍କାର କରାଯାଇଥିଲା, ବିନୋଦ ଚନ୍ଦ୍ରଙ୍କ ଶେଷ ଇଚ୍ଛା ଅନୁସାରେ।

ତାଙ୍କ ବିୟୋଗ ପରେ କବି ଗଙ୍ଗାଧର ମେହେରଙ୍କ ଆଉ କୌଣସି ନାତି ନାତୁଣୀଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭ ସୁଯୋଗରୁ ଓଡିଶା ବାସୀ ଚିର ବଂଚିତ ହୋଇ ରହିଗଲେ।

ବହୁମୁଖୀ ପ୍ରତିଭା: ବିନୋଦ ବାସ୍ତବିକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଯାହାଙ୍କ ପାଖରେ ପ୍ରତିଭାର ସମସ୍ତ ଉପାଦାନ ରହିଥିବା ସତ୍ତ୍ୱେ, ଯଦି ସେ ନିଜକୁ ମନେ କରନ୍ତି ନ୍ୟୂନ ସେଥିରେ ପ୍ରତିଭା ନିଜେ ସଂକୁଚିତ ହୋଇପଡିବା ସ୍ୱାଭାବିକ।

# ନେତୃତ୍ୱରେ ଗାନ୍ଧୀ ସୁଭାଷ ମତଭେଦ



**ଭୋଳାନାଥ ସାହୁ**

ସୌର୍ଯ୍ୟବୀର୍ଯ୍ୟଶାଳୀ ଭାରତ ବର୍ଷର ଭାଗ୍ୟ ରବି ସେଦିନ ଅସ୍ତମିତ ହୋଇଗଲା । ଯେଉଁଦିନ ଇଂରେଜ ବଡ଼ଲାଟ ଲର୍ଡ଼ କ୍ଲାଇବଙ୍କ ଦ୍ୱାରା ବଙ୍ଗର ନବାବ ସିରାଜଉଦ୍ଦୌଲା ମିରକାଶିମଙ୍କ ଚକ୍ରାନ୍ତରେ ପରାଜୟ ବରଣ କରିଥିଲେ । ଏହାପରେ ଇଂରେଜ ଶାସନର କ୍ରୂର କଦର୍ଥନ ଭିତରେ ଭାରତୀୟ ମାନେ ପ୍ରତ୍ୟହ ଜୀଅନ୍ତା ମୃତ୍ୟୁବରଣ କରୁଥିଲେ । ସେମାନେ କେବଳ ସେହି ଦିନକୁ ଅପେକ୍ଷା କରି ବସିଥିଲେ କେଉଁଦିନ ସେମାନେ ହୃତଗୌରବକୁ ଫେରି ପାଇବେ । ଭାରତୀୟ ମାନଙ୍କୁ ସ୍ୱାଧିନତାର ସ୍ୱପ୍ନ ଦେଖିବା ପାଇଁ ବହୁ ସଂଗ୍ରାମୀ ଭିନ୍ନ ଭିନ୍ନ ପନ୍ଥାକୁ ପାଥେୟ କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ନିଜସ୍ୱ ମତ ବିରୋଧୀ ସଂଗ୍ରାମୀଙ୍କ କାର୍ଯ୍ୟକଳାପକୁ ସ୍ୱାଗତ କରାଯାଇପାରେ । ଜଣେ କହୁଥିଲେ - 'ଗୁଳି ଗୁଳା ବାରୁଦ ଦ୍ୱାରା ଏ ଦେଶର ସ୍ୱାଧିନତାକୁ ଫେରାଇ ଆଣି ହେବ ନାହିଁ । ଏଥିପାଇଁ ସତ୍ୟ ଏବଂ ଅହିଂସାର ପଥ ବରଣ କରିବାକୁ ପଡ଼ିବ । ସେ କହୁଥିଲେ ଗାଁକୁ ଫେରିଚାଲ । ଅନ୍ୟଜଣଙ୍କର ଦୃଢୋକ୍ତିଥିଲା- 'ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି' ଏଥିପାଇଁ ସେ 'ଦିଲ୍ଲୀଚଲୋ'ର ଆହ୍ୱାନ ଦେଇଥିଲେ । ସେ ଦୁଇଜଣ ମହା ସଂଗ୍ରାମୀ ହେଉଛନ୍ତି ସତ୍ୟ ଏବଂ ଅହିଂସାର ପ୍ରତୀକ ମହାତ୍ମା ଗାନ୍ଧୀ ଏବଂ ଆଜାଦ୍‌ହିନ୍ଦ ଫୌଜର ସଂଗଠକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଜଣେ ସୁଚେତା ନରମପନ୍ଥୀ ଏବଂ ଅନ୍ୟଜଣେ ଫୁଟନ୍ତା ଚରମ ପନ୍ଥୀ । ଜଣେ ଲଣ୍ଡନରୁ ଆଇନ ବିଦ୍ୟାରେ ପାରଦର୍ଶିତା ଲାଭ କରି ବଡ଼ଚାକିରି ମୋହକୁ ତୁଚ୍ଛ କରି ଭାରତୀୟ ମୁକ୍ତି ସଂଗ୍ରାମର ସେନାପତି ହୋଇଥିବା ବେଳେ ଅନ୍ୟ ଜଣେ ଲଣ୍ଡନର ଆଇ.ସି.ଏସ୍. ଚାକିରିରୁ ଇସ୍ତଫା ଦେଇ ମାତୃଭୂମିର ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରି ଭାରତକୁ ଫେରି ଆସିଥିଲେ । ଦୁଇଜଣ ନାୟକଙ୍କ ଦେଶ ମାତୃକାକୁ ସ୍ୱାଧିନତା ଦେବାର ଭିନ୍ନ ଚିନ୍ତନ ଯେଉଁ ମତଭେଦର ପ୍ରାଚୀର ଠିଆ କରାଇଥିଲା ତାହାର ନମୁନା ଏଠାରେ ପ୍ରଦାନ କରାଗଲା । ୧୯୩୮ ମସିହା ବେଳକୁ ସୁଭାଷ ବୋଷ ଚାଷୀ ଓ ଶ୍ରମିକ ମାନଙ୍କର ପ୍ରିୟପାତ୍ର ହୋଇସାରିଥାନ୍ତି । ୧୯୩୮ ମସିହା ଫେବୃୟାରୀ ମାସରେ ଗୁଜୁରାଟର ହରିପୁର ଠାରେ କଂଗ୍ରେସ ଅଧିବେଶନ ବସିବା ବେଳକୁ ସୁଭାଷ କଂଗ୍ରେସର ସଭାପତି ଭାବରେ ଗାନ୍ଧୀଜୀ ଘୋଷଣା କରିସାରିଥାନ୍ତି । ସେତେବେଳେକୁ କଂଗ୍ରେସ ୫ଟି ରାଜ୍ୟର ଆସେମ୍ବ୍ଲି ନିର୍ବାଚନ ଲଢ଼ି ଜୟଯୁକ୍ତ ହେବା ପରେ କଂଗ୍ରେସର ଉତ୍ସାହ ବୃଦ୍ଧି ପାଇଥାଏ । ହରିପୁର କଂଗ୍ରେସ ଅଧିବେଶନ ଏହି ଘଡ଼ିସନ୍ଧି ମୁହୂର୍ତରେ ବସୁଥିବାରୁ ଏହା ବେଶ ଗୁରୁତ୍ୱପୂର୍ଣ୍ଣଥିଲା । ଏହି ଅଧିବେଶନରେ ସଭାପତି ସୁଭାଷଙ୍କ ଅଭିଭାଷଣ ଆଶାୟୀଙ୍କୁ ବାସ୍ତବ ଖୋରାକ ଯୋଗାଇଥିଲା । ସୁଭାଷ କହିଥିଲେ - 'ଆମର ଜାତୀୟ ସମସ୍ୟା ଗୁଡ଼ିକ ମୋର ମନ ମଧ୍ୟରେ ଅଛି । ଦାରିଦ୍ର ନିରାକରଣ, ଶିକ୍ଷାର ବିସ୍ତାର, ରୋଗରୁ ମୁକ୍ତି ଓ ସ୍ୱାସ୍ଥ୍ୟ ସେବା, ସାମ୍ୟବାଦୀ ଢ଼ାଂଚାରେ ବିଜ୍ଞାନଭିତିକ ଉତ୍ପାଦନ ଓ ବଂଟନ ପ୍ରଭୃତି ।' ଏହା ସହିତ ସୁଭାଷ ମଧ୍ୟ ଭାରତ ସ୍ୱାଧିନତାର ପ୍ରକୃତ ଆଭିମୁଖ୍ୟ କଣ ?- ସେ ସମ୍ପର୍କରେ ଦର୍ଶାଇବାକୁ ଯାଇ କହିଥିଲେ - 'ଭାରତର ମୁକ୍ତି ସଂଗ୍ରାମର ସଫଳତା କେବଳ ଭାରତରେ ସୀମାବଦ୍ଧ ହୋଇ ରହିବ ନାହିଁ। ଏ ସଂଗ୍ରାମ କେବଳ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ନୁହେଁ, ବରଂ ବିଶ୍ୱ ସାମ୍ରାଜ୍ୟବାଦ ବିରୁଦ୍ଧରେ । ଭାରତ କେବଳ ନିଜ ଦେଶ ପାଇଁ ଲଢୁନାହିଁ, ବରଂ ମଣିଷ ଜାତି ପାଇଁ ଲଢୁଛି । ଭାରତ ସ୍ୱାଧନ ହେଲେ ମଣିଷ ଜାତି ରକ୍ଷା ପାଇବ ।' ସୁଭାଷ ଏପ୍ରକାରର ବକ୍ତବ୍ୟବାଢ଼ି ଗାନ୍ଧୀଜୀଙ୍କ ଚିନ୍ତା ବୃଦ୍ଧିର କାରକ ହୋଇଥିଲେ । ସୁଭାଷ ବୋଷ କେବଳ କଂଗ୍ରେସ ସଭାପତି ହେଲେ ନାହିଁ, ବରଂ ସ୍ପଷ୍ଟ ମତ ବ୍ୟକ୍ତ କରିବାର ସୁଯୋଗ ପାଇ ଗାନ୍ଧୀଜୀଙ୍କ ସହିତ ମତ ଭେଦ ସୃଷ୍ଟିର କାରଣ ହୋଇଥିଲେ । ସୁଭାଷ ଯେତେବେଳେ କଂଗ୍ରେସର ସଭାପତି ଆଚାର୍ଯ୍ୟ କୃପାଳିନୀ ସେତେବେଳେ କଂଗ୍ରେସର ସଂପାଦକ । କୃପାଳିନୀ ମହାତ୍ମା ଗାନ୍ଧୀଙ୍କର ପୂର୍ଣ୍ଣ ସମର୍ଥକ ଥିଲେ । ସୁଭାଷଙ୍କ ଗାନ୍ଧୀ ବିରୋଧୀ ମତବାଦ ଦ୍ୱାରା କୃପାଳିନୀ ମଧ୍ୟ ବିରୋଧୀ ହୋଇଥିଲେ । ସେତେବେଳେ ବଂଗ ପ୍ରଦେଶର କୃଷକ ପ୍ରଜାଦଳ ଓ ମୁସଲିମ ଲିଗର ମିଳିତ ସରକାର ଚାଲିଥାଏ । ସୁଭାଷ କୃଷକ ପ୍ରଜାଦଳକୁ କଂଗ୍ରେସରେ ମିଶାଇ ମନ୍ତ୍ରୀମଣ୍ଡଳକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥାନ୍ତି । ତାଙ୍କର ଏପରି ପଦକ୍ଷେପ ଯଥାର୍ଥ ନୁହେଁ ବୋଲି ମହାତ୍ମାଗାନ୍ଧୀ ବିରୋଧ କରୁଥାନ୍ତି । ଜବାହାରଲାଲ ନେହେରୁ ଏହାକୁ ସୁବିଧାବାଦୀ ରାଜନୀତି ବୋଲି କହି ସମାଲୋଚନା କରିଥିଲେ । ଫଳରେ ମୁସଲିମ ଲିଗ ଦୁର୍ବଳ ନହୋଇ ବଳିଷ୍ଠ ରହିବା ଯୋଗୁଁ ଭାରତ ପରବର୍ତ୍ତି କାଳରେ ଭାଗ ଭାଗ ହୋଇଥିଲା । ଦେଶ ବିଭାଜନ ପରେ ରକ୍ତପାତ ଲାଗି ରହିଲା । ସେଦିନ କଂଗ୍ରେସ ସୁଭାଷଙ୍କ ନୀତିକୁ ଆପଣେଇ ନେଇଥିଲେ ହୁଏତ ଏ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା । ହରିପୁର ଅଧିବେଶସନ ପରେ ୧୯୩୯ ମସିହାରେ ମଧ୍ୟପ୍ରଦେଶର ତ୍ରୀପୁରା ଠାରେ କଂଗ୍ରେସ ଅଧିବେଶନ ବସିଲା । ଏଥିରେ ସଭାପତି ପଦ ପାଇଁ ସୁଭାଷ ଦ୍ୱିତୀୟ ଥର ପ୍ରାର୍ଥି ହୋଇଥିଲେ । ମାତ୍ର ଗାନ୍ଧୀଜୀ ଏଥିରେ ବିରୋଧ କରି ଆନ୍ଧ୍ରପ୍ରଦେଶର ପଟାଭିସିତାରାମାୟାଙ୍କୁ ସଭାପତି ଭାବରେ ଛିଡ଼ା କରାଇଥିଲେ । ସୁଭାଷ ଏହି ଲଢ଼େଇରେ ବିଜୟୀ ହେଲେ । ମହାତ୍ମାଗାନ୍ଧୀ ଦୁଃଖର ସହିତ ଘୋଷଣା କରି କହିଲେ - 'ସିତାରାମାୟାଙ୍କ ପରାଜୟ ହିଁ ମୋର ପରାଜୟ ।' ଏଥିପାଇଁ କଂଗ୍ରେସ କାର୍ଯ୍ୟକାରୀ ସଭ୍ୟପଦରୁ ନେହେରୁ ଓ ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତି ଇସ୍ତଫା ଦେଲେ । ପଣ୍ଡିତ ଗୋପାଳ ବଲ୍ଲଭ ପନ୍ଥ ମତ ଦେଇ କହିଲେ - 'ସୁଭାଷ ଗାନ୍ଧୀଜୀଙ୍କ ଇଛାନୁଯାୟୀ ନୂଆ କାର୍ଯ୍ୟ କାରି ସମିତି ଗଠନ କରନ୍ତୁ ।' ଏକଥା ସତ୍ୟ ଯେ ଗାନ୍ଧୀଜୀ ସର୍ବମହାନ ଭାରତୀୟ ଯିଏ ଲୋକଙ୍କ ମନରେ ଉଙ୍କି ମାରିଥିବା ସ୍ୱାଧିନତାର ସ୍ୱପ୍ନକୁ ଫଳବତୀ କରିପାରିବ । ଏହି କଥାକୁ ସୁଭାଷ ଉପଲବ୍ଧି କରି ସେ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ । ଡ଼କ୍ଟର ରାଜେନ୍ଦ୍ର ପ୍ରସାଦ ହେଲେ କଂଗ୍ରେସର ନୂଆ ସଭାପତି । ୧୯୩୯ ମସିହାରେ ସୁଭାଷ କଂଗ୍ରେସ ଦଳ ଭିତରେ ଥିବା ବାମପନ୍ଥୀ ଚିନ୍ତାଧାରାର ଲୋକଙ୍କୁ ଏକାଠି କରି କଲିକତାରେ 'ଫରୱାର୍ଡ଼ ବ୍ଲକ' ନାମକୁ ଏକ ଦଳ ଗଠନ କରିଥିଲେ । ଫଳରେ ଗାନ୍ଧୀବାଦୀ ନେତାମାନେ ସୁଭାଷଙ୍କ ବିରୁଦ୍ଧରେ ଶୃଙ୍ଖଳା ଢ଼ଙ୍ଗରେ ଅଭିଯୋଗ ଆଣି ତାଙ୍କୁ ତିନି ବର୍ଷ ପାଇଁ ସମସ୍ତ ପଦ ପଦବୀରୁ ଦୁରେଇ ରଖିଲେ ।

ଘଟଣା ଯାହା ହେଉନା କାହିଁକି ସୁଭାଷଙ୍କ ଉଜ୍ଜ୍ୱଳ ଦେଶପ୍ରେମ ନିମନ୍ତେ ଏ ଦେଶବାସୀ ଯୁଗ ଯୁଗ ପାଇଁ ତାଙ୍କୁ ମନେ ରଖିବେ । ତାଙ୍କର ଦେଶ ସ୍ୱାଧିନତା ପାଇଁ 'ଜୟ ହିନ୍ଦ' ଓ 'ଦିଲ୍ଲୀ ଚଲୋ' ବାଣୀ ପ୍ରତ୍ୟେକ ଭାରତୀୟଙ୍କୁ ଯୁଗ ଯୁଗ ପାଇଁ ଉଦ୍‌ବୁଦ୍ଧ କରି ରଖିବ - ଏହା ନିଃସନ୍ଦେହ ।


+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭ
ମୋ: ୯୯୩୭୧୫୧୩୧୦





## ମାଁ ସରସ୍ୱତୀ

**ସରସ୍ୱତୀ ମେହେର**

ଶ୍ୱେତ ପଦ୍ମ ଉପରେ ବିରାଜିତ
ବୀଣାପାଣି ମାଁ ସରସ୍ୱତୀ
ଜ୍ଞାନ, ବୁଦ୍ଧି, ବିବେକର ତୁମେ
ଅମୃତ ଭାରତୀ ।
ଶ୍ୱେତ ବସନେ ଶୋଭିତ,
ଶାନ୍ତି ଅବତାର
ତୁମ ଦରଶନେ ଶୀତଳ ହୁଏ
ଅଜ୍ଞାନରୁ ଦୂର ।

ବୀଣାର ମଧୁର ସୁରରେ ଝରେ
ଜ୍ଞାନର ଧାରା
ହୃଦୟର ତାନରେ ଜାଗେ
ଆଲୋକ ଝରା।

ଶବ୍ଦ ବ୍ରହ୍ମ ମୂର୍ତ୍ତି ତୁମେ ଜ୍ଞାନର ମୂଳ
ଅଜ୍ଞାନ ଅନ୍ଧାର ଯାଏ ଉଭେଇ
ହେ ବିଦ୍ୟା ଦାୟିନୀ, ଜ୍ଞାନ ପ୍ରଦୟିନି
ଦିନ ବିତୁ ତୋ ପାଦେ ଲୟ ଲଗାଇ ।
ତୁମର ବାହନ ହଂସ, ବିବେକର ପ୍ରତୀକ
କ୍ଷୀର, ନୀର ବିଭେଦ ଶିଖାଇ
ପୁସ୍ତକ ହାତ ରେ ଧରି ଜ୍ଞାନର
ଦୀପ ଦିଅ ଜଳାଇ ।

ଛାତ୍ର ମନରେ ତୁମେ ଆଶାର ପ୍ରଦୀପ
ଶିକ୍ଷକ ବାଣୀର ସ୍ରୋତ
କବି କଲମରେ ତୁମେ କାବ୍ୟ ରସ
ସଙ୍ଗୀତରେ ତୁମେ ଉଲ୍ଲାସ ।

ବସନ୍ତ ପଞ୍ଚମୀରେ ହୁଏ ତୁମ ପୂଜା
ପୁସ୍ତକ, ଖାତା, ବୀଣା ହୁଏ ବନ୍ଦନା
ଶିଶୁ ଶିଖେ ପ୍ରଥମ ଅକ୍ଷର,
କରି ତୁମ ସୁମାରଣା ।

ହେ ବୀଣାପାଣି ତୁମ କୃପାରୁ
ଜୀବନ ହେଉ ଆଲୋକିତ
ସତ୍ୟ, ଧର୍ମ, ନୀତିରେ ମୋର
ସଦା ରହୁ ଅଙ୍କିତ ।


+ ଯୋଗିବାହାଲ, ସିନାପାଲି,
ନୂଆପଡ଼ା

# ନବାଗତଙ୍କ ପାଇଁ ଶୁଭଙ୍କର



୦୨୬ ନବାଗତଙ୍କ ଲାଗି ପ୍ରତିଶ୍ରୁତିର ବର୍ଷ ହେବ। ପ୍ରାରମ୍ଭିକ ଆକଳନ ଅନୁସାରେ ଏଥର ବହୁ ନୂଆ ଅଭିନେତାଅଭିନେତ୍ରୀ ବଡ଼ ପରଦାରେ ନାୟକନାୟିକା ଭାବେ ପଦାର୍ପଣ କରିବେ। ନାୟକ ଭୂମିକାରେ ବଡ଼ ପରଦାରେ ସାର୍ଥକ, ପ୍ରେମ, ଶୁଭେନ୍ଦୁ, ଶୁଭାଂଶୁ, ସୁବାସ ଓ ଶୁଭମ୍‌ଙ୍କୁ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଏ ବର୍ଷ ସାର୍ଥକଙ୍କ ଏକାଧିକ ଓଡ଼ିଆ ଛବି ମୁକ୍ତିଲାଭ କରିବାର ସମ୍ଭାବନା ଅଛି। ଏଥିମଧ୍ୟରେ ରହିଛି 'ଅପେକ୍ଷା', 'ଶାହାଜାହାନ୍', 'ଯୋଦ୍ଧା' ଓ 'ମୋହନଗିରି'। ଏଣେ ନବାଗତ ନାୟକ ପ୍ରେମଙ୍କ ଅଭିନୀତ 'ସ୍କୁଲ୍ ଡାଏରି', 'ପଜଲ୍', 'ଜହ୍ଲାଦ' ଓ 'ଚୁଇଙ୍ଗମ୍' ଆଦି ପରଦାକୁ ଆସିପାରେ। ତେଣେ ବଲିଉଡ୍‌ରେ କାମ କରୁଥିବା ପ୍ରେମ୍ ପରିଜା ବି 'ରାମରାଜ୍ୟ'ରେ ନାୟକ ଭୂମିକାରେ ଆସୁଛନ୍ତି। 'ଲଙ୍କାଗଡ଼'ରେ ନବାଗତ ଶୁଭେନ୍ଦୁ ଆସିବେ ନାୟକ ଭୂମିକାରେ। ସେହିପରି ନବାଗତ ଶୁଭମ୍ ସାଗରଙ୍କ 'ଲାଡ୍ଡୋ' ବି ୨୦୨୬ରେ ମୁକ୍ତିଲାଭ କରିବ। ତେଣେ ନବାଗତ ଶୁଭାଂଶୁ 'ସମ୍ଭବ'ରେ ଏବଂ ଶୁଭମ୍ ମେହେର 'ଲାଲ୍‌ମାଟି'ରେ ନଜର ଆସିବେ। ଠିକ୍ ସେହିପରି ନବାଗତ ସୁବାସ 'ମାଷ୍ଟର'ରେ ନାୟକ ଭୂମିକାରେ ଅଛନ୍ତି।

ଏଣେ ନବାଗତା ଅଭିନେତ୍ରୀଙ୍କ ମଧ୍ୟରୁ ଅନେକ ନାୟିକା ଭାବେ ପରଦାକୁ ଆସିବେ। ସୂଚନା ଅନୁସାରେ, ଆଲିଆ ରାଉତ (ମିଡ୍‌ନାଇଟ୍'), ଦିବ୍ୟଜ୍ୟୋତି ତ୍ରିପାଠୀ (ମନ୍‌ଷ୍ଟର), ପିହୁ ମହାପାତ୍ର(ମନ୍ତ୍ରମୁଗ୍ଧ), ସପ୍ନା ନାୟକ(ମୁଁ ତୁମକୁ ଭଲପାଏ), ତନୁଶ୍ରୀ ରଣା(ପଜଲ୍'), ଅକ୍ଷିତା ଓ ଦିବ୍ୟା (ସ୍କୁଲ୍ ଡାଏରି), ନିଶିତା ପ୍ରଧାନ ('ଚୁଇଙ୍ଗମ୍), ଗୁଞ୍ଜନ (ମାଷ୍ଟର ଏବଂ ଲାଇଫ୍ ପାର୍ଟନର), ଅୟନା (ଲାଇଫ୍ ପାର୍ଟନର), ବିପାଶା (ଲଙ୍କାଗଡ଼), ପ୍ରାନ୍ତିକା(ବିବାହ ଡଟ୍‌କମ୍) ଓ 'ସମ୍ଭବ'ରେ ଶ୍ରେୟା ଓ ଜୁପସୀଙ୍କୁ ଦେଖିବାକୁ ମିଳିପାରେ ଏ ବର୍ଷ। ଏହାଛଡ଼ା ଯାତ୍ରା ଜଗତର ଚର୍ଚ୍ଚିତା ନୃତ୍ୟଶିଳ୍ପୀ ନିଶା ମହାରଣା 'ଜହ୍ଲାଦ୍' ଜରିଆରେ ଓଲିଉଡ୍ ଡେବ୍ୟୁ କରିବେ।

*ନୂଆ ନିର୍ଦ୍ଦେଶକ ଓ ପ୍ରଯୋଜକ:*

୨୦୨୬ରେ ଅଭିଷେକ ତ୍ରିପାଠୀ (ଜୟହିନ୍ଦ୍), ମନୁ ଦ୍ୱିବେଦୀ (ମିଡ୍‌ନାଇଟ୍), ସମ୍ବିତ୍ ବାରିକ (ସ୍କୁଲ୍ ଡାଏରି), ପ୍ରସନ୍ନ କୁମାର (ଜହ୍ଲାଦ), ଦେବାଶିଷ ମହାରଣା (ରକ୍ତଲୀଳା), ବିଶ୍ୱରଞ୍ଜନ ପ୍ରଧାନ (ବରବଧୂ) ବିଶ୍ୱରଂଜନ ପ୍ରଧାନ (ବରବଧୂ), ରିୟାଜ୍ ଖାନ୍ (ମୋହନଗିରି), ଅମରେଶ ଜେନା (ଲାଲ୍‌ମାଟି), ସୁପ୍ରୀତ ('ପଜଲ୍')ଙ୍କ ଭଳି ନୂଆ ନିର୍ଦ୍ଦେଶକଙ୍କ ସିନେମା ପରଦାକୁ ଆସିବାର ସମ୍ଭାବନା ରହିଛି। ତେଣେ ସୌରଭ ପାଢ଼ୀ (ଚକ୍ରାନ୍ତ), ଦେବରାଜ ବିଧାର(ମନ୍‌ଷ୍ଟର), ସୁଶାନ୍ତ ମହାନ୍ତି (ଲାଇନ୍‌ବାଲା), ଲଗ୍ନା ସ୍ୱାଇଁ ଓ ସମ୍ବିତ୍ ବାରିକ (ସ୍କୁଲ୍ ଡାଏରି), ଧନେଶ୍ୱର ପରିଡ଼ା (ସମ୍ଭବ), ଅରବିନ୍ଦ ମିଶ୍ର (ବିବାହ ଡଟ୍ କମ୍), ଶୁଭମ୍ ସାଗର (ଲାଡଡ୍ଡୋ), ଅଶୋକ କୁମାର ନାୟକ (ଜହ୍ଲାଦ), ରମେଶ ନାୟକ (ଲଙ୍କାଗଡ଼) ପ୍ରମୁଖଙ୍କ ଭଳି କେତେକ ନୂଆ ପ୍ରଯୋଜକ ଓଲିଉଡ୍‌ରେ ଏଣ୍ଟ୍ରି କରିବେ।

# ଅଙ୍ଗନୱାଡି ଦିଦି ସାଜିଲେ ସୂର୍ଯ୍ୟମୟୀ

## ଶିବାନୀ-ଶୈଳେନ୍ଦ୍ରଙ୍କ ଟୁପଟାପ ଗାଉଁଲି ପ୍ରେମ କାହାଣୀ: ଆସୁଛି 'ବରବଧୂ'



ପାଟିରେ ଖଣ୍ଡିଏ ପାନ,ଅଙ୍ଗନୱାଡି ଦିଦି ତାସାଙ୍ଗଙ୍କୁ ଗାଁର ନିଆରା ବାହାଘର ଯେଉଁଥିରେ ଛପିରହିଥିବ କଅଁଳ ବୟସର ନିଛକ ଭଲ ପାଇବା । ବେଦୀ ବାହାଘର ଆଗରୁ କୋର୍ଟରେ ସମ୍ପର୍କ ଯୋଡିବାର ପ୍ରୟାସ, କିଛି ଏସବୁ କାହାଣୀକୁ ନେଇ ଖୁବ ଶୀଘ୍ର ଆସିବାକୁ ଯାଉଛି ଫିଲ୍ମ 'ବରବଧୂ' । ଏକଦମ ଖାଣ୍ଟି ଓଡ଼ିଆ ଛୁଙ୍କ ଥିବା ଏହି ସିନେମାର ଟିଜର ଆଜି ରିଲିଜ ହୋଇଥିବାବେଳେ ଯୁବ ଅଭିନେତା/ ଅଭିନେତ୍ରୀଙ୍କ ପରିପକ୍ୱତାରେ ଝଲକ ଦେଖିବାକୁ ମିଳିଛି । କେବଳ ଯୁବ ଅଭିନେତା/ଅଭିନେତ୍ରୀ ନୁହଁନ୍ତି ବରଂ ଜଣେ ଯୁବ ନିର୍ଦ୍ଦେଶକ ବିଶ୍ୱରଂଜନ ବି ନିଜ ନିଆରା ନିର୍ଦ୍ଦେଶନାରେ ଭୂମିକାଗୁଡିକୁ



ଅତି ସୁନ୍ଦର ଭାବେ ଦର୍ଶାଇଛନ୍ତି।

**କେଉଁମାନେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ?**

ଫିଲ୍ମ 'ବରବଧୂ'ରେ ମୁଖ୍ୟ ଭୂମିକାରେ ଶିବାନୀ, ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶୁଭାଶିଷ, ଭାସ୍ୱତି ବସୁ, ଜୟଶ୍ରୀ ଷଡ଼ଙ୍ଗୀ ଆଉ ହର ରଥ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ବିଶେଷ କରି ଯୁବ ବର୍ଗର ଅଭିନେତା/ଅଭିନେତ୍ରୀମାନଙ୍କ ଅଭିନୟକୁ ଦର୍ଶକ ମଧ ବେଶ ପସନ୍ଦ କରିବେ ବୋଲି ଆଶା କରାଯାଉଛି।

**ସୂର୍ଯ୍ୟମୟୀ ସାଜିଲେ ଅଙ୍ଗନୱାଡି ଦିଦି-ଶିବାନୀ ସାଜିଲେ ସ୍କୁଲ ଦିଦି**

ଏହି ସିନେମାରେ ସୂର୍ଯ୍ୟମୟୀଙ୍କ ଅଙ୍ଗନୱାଡି ଦିଦି ଭୂମିକାକୁ ଦର୍ଶକ ବେଶ ପସନ୍ଦ କରିବେ । ପାନୁଆ ପାଟିରେ ସୂର୍ଯ୍ୟମୟୀଙ୍କ ଡାଇଲଗ ସାଙ୍ଗକୁ ଶିବାନୀଙ୍କ ସ୍କୁଲ ଦିଦି ଭୂମିକା ବି ବେଶ ଜବରଦସ୍ତ ହୋଇଛି। ଫିଲ୍ମର ନିର୍ଦ୍ଦେଶକ ବିଶ୍ୱରଞ୍ଜନଙ୍କ କହିବା ମୁତାବକ ଫିଲ୍ମର ସୁଟିଂ ଅନୁଗୁଳ, ଟିକରପଡା, ଛେଣ୍ଡିପଦା ସହ କୋରାପୁଟରେ ହୋଇଛି ।

**କେବେ ରିଲିଜ ହେବ ସିନେମା ?**

ଫିଲ୍ମ ବରବଧୂ ଆସନ୍ତା ୧୩ ଫେବୃୟାରୀରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବାବେଳେ ସହ ପ୍ରଯୋଜନା କରିଛନ୍ତି ବିଶ୍ୱରଂଜନ ଓ ସୁଶୀଲ କୁମାର ମିଶ୍ର । ସେହିପରି ସଂଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଓ ଭାରତ ହିତାର୍ଥ ଦେଇଛନ୍ତି ।




'ବର୍ଡର ୨' ଫିଲ୍ମଟି ରିଲିଜ୍ ହେବା ପୂର୍ବରୁ ବକ୍ସ ଅଫିସରେ ଚର୍ଚ୍ଚା ସୃଷ୍ଟି କରିସାରିଛି। ଗଣତନ୍ତ୍ର ଦିବସ ଅବଶରରେ ଏହା ବେଶ୍ ଫାଇଦା ନେବ ବୋଲି ଆଶା କରାଯାଉଛି। ଏହାର ଆଡଭାନ୍ସ ବୁକିଂ ଦେଖି ଏଭଳି ଅନୁମାନ କରାଯାଉଛି। ଆଡଭାନ୍ସ ବୁକିଂ ସଂଖ୍ୟା ଏକ ବ୍ଲକବଷ୍ଟର ଓପନିଂକୁ ଇଶାରା କରୁଛି। ଫିଲ୍ମଟି ରିଲିଜ୍ ପୂର୍ବରୁ କୋଟି କୋଟି ଟଙ୍କା ରୋଜଗାର କରିବା ଆରମ୍ଭ କରିଥିବା ବେଳେ ରେକର୍ଡ ଭାଙ୍ଗିବା ଆରମ୍ଭ କରିଛି। 'ବର୍ଡର ୨'ର ଆଡଭାନ୍ସ ବୁକିଂ ଆରମ୍ଭ ହେବା ମାତ୍ରେ, ଦର୍ଶକଙ୍କ ଉତ୍ସାହ ବଢିଯାଇଛି। ପ୍ରଶଂସକମାନେ ୨୯ ବର୍ଷର ପୁରୁଣା ଫିଲ୍ମର ସିକ୍ୱେଲକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଫିଲ୍ମଟି ଏହାର ପ୍ରଥମ ଦିନ ପାଇଁ କେବଳ ୨ଡ଼ି ଫର୍ମାଟରେ ଆଗୁଆ ବୁକିଂରେ ପ୍ରାୟ ୩.୩୯ କୋଟି ଟଙ୍କା ରୋଜଗାର କରିସାରିଛି। ବୁଧବାର ସୁଦ୍ଧା, ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ୯,୨୨୦ ଶୋ' ପାଇଁ ୧୦୫,୦୦୦ରୁ ଅଧିକ ଟିକେଟ୍ ବିକ୍ରି ହୋଇଛି। ବ୍ଲକ ସିଟ୍ ସମେତ ମୋଟ ସଂଗ୍ରହ ୬.୬୩ କୋଟିରେ ପହଞ୍ଚିଛି। ମୁକ୍ତିଲାଭର ଦୁଇ ଦିନ ପୂର୍ବରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି। 'ବର୍ଡର ୨' ସନ୍ନି ଦେଓଲଙ୍କ ଜାଟ୍ (୨.୩୭ କୋଟି ଟଙ୍କା)ର ଶେଷ ଆଗୁଆ ବ୍ୟବସାୟକୁ ଅତିକ୍ରମ କରିଛି ଏବଂ 'ୱାର୍ ୨' ଭଳି ଫିଲ୍ମକୁ ମଧ ପଛରେ ପକାଇ ଦେଇଛି। ଏହି ସଂଗ୍ରହରେ ଦିଲ୍ଲୀ ପ୍ରଥମ ଥର ପାଇଁ ମୁମ୍ବାଇକୁ ପଛରେ ପକାଇ ଦେଇଛି। ଦିଲ୍ଲୀରେ ଆଡଭାନ୍ସ ବୁକିଂ ୯୧.୬୮ ଲକ୍ଷ ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସେହିପରି ମହାରାଷ୍ଟ୍ର ୪୫.୩୮ ଲକ୍ଷ ସହିତ ଦ୍ୱିତୀୟ ସ୍ଥାନରେ ରହିଛି, ଯେତେବେଳେ ଉତ୍ତର ପ୍ରଦେଶ ୩୬.୭୫ ଲକ୍ଷ ସହିତ ତୃତୀୟ ସ୍ଥାନରେ ଅଛି। ନିର୍ମାତା ଫିଲ୍ମର ବକ୍ସ ଅଫିସ ପ୍ରଦର୍ଶନକୁ ନେଇ କୌଣସି କସରତ ଛାଡ଼ି ନାହାଁନ୍ତି। ଏକ ରିପୋର୍ଟ ଅନୁଯାୟୀ, 'ବର୍ଡର ୨' ପାଇଁ ସମ୍ପୂର୍ଣ୍ଣ ଦୁଇ ସପ୍ତାହ ପାଇଁ ସିଙ୍ଗଲ୍-ସ୍କ୍ରିନ୍ ଥିଏଟରଗୁଡ଼ିକ ବୁକ୍ କରାଯାଇଛି, ଯାହା ଫଳରେ ପ୍ରତିଯୋଗିତାମୂଳକ ଫିଲ୍ମ ପାଇଁ କୌଣସି ସୁଯୋଗ ନାହିଁ। ଜାନୁୟାରୀ ୨୩ ରେ ଫିଲ୍ମ ରିଲିଜ୍ ହେବା ନେଇ ସୂଚନା ରହିଛି।

ଶାହିଦ କପୁରଙ୍କ ଦମଦାର ଫିଲ୍ମ 'ଓ ରୋମିଓ'ର ଟ୍ରେଲର ଆଜି, ଜାନୁଆରୀ ୨୧ ତାରିଖରେ ରିଲିଜ୍ ହୋଇଛି। ଟ୍ରେଲରରେ ରୋମାନ୍ସ ଏବଂ ଆକ୍ସନର ମିଶ୍ରଣ ଦେଖାଯାଇଛି। ଏହି ଫିଲ୍ମ ଦେଖିଲେ ପ୍ରଶଂସକମାନଙ୍କର ଶାହିଦଙ୍କ ଫିଲ୍ମ 'କବୀର ସିଂହ' ମନେପଡିଯିବ।

'ଓ ରୋମିଓ'ର ଟ୍ରେଲରରେ ଶାହିଦଙ୍କୁ ଜଣେ ଗ୍ୟାଙ୍ଗଷ୍ଟର ଭାବରେ ଦର୍ଶାଯାଇଛି ଯିଏ ନିଜକୁ 'ହିରୋ' ବୋଲି କହୁଛନ୍ତି। ଜଣେ ନିଷ୍ଠୁର ଲୋକ ପରି ଲୋକଙ୍କୁ ହତ୍ୟା କରୁଛି ଆଉ ତା'ପରେ ନାଚୁଛି। ଟ୍ରେଲରରେ ତାଙ୍କର




ଭୟଙ୍କର ଦିଗ ଏବଂ ତୃପ୍ତି ଡିମରିଙ୍କ ସହ ରୋମାଣ୍ଟିକ ଏଙ୍ଗଲ୍‌କୁ ଏଥିରେ ଦେଖାଯାଇଛି। ଫିଲ୍ମରେ ବିକ୍ରାନ୍ତ ମେସୀ, ତମନ୍ନା ଭାଟିଆ, ନାନା ପାଟେକର, ଅଭିନାଶ ତିୱାରୀ ଏବଂ ଫରିଦା ଜଲାଲ ଅଭିନୟ କରିଛନ୍ତି।

ଟ୍ରେଲରଟି ଦେଖିବା ପରେ, ଏହା ସ୍ପଷ୍ଟ ଯେ ଏହା କେବଳ ଏକ ପ୍ରେମ କାହାଣୀ ନୁହେଁ, ବରଂ ଆବେଗ, ତ୍ୟାଗ ଏବଂ ବିନାଶର କାହାଣୀ ମଧ୍ୟ। ଟ୍ରେଲରଟି ପ୍ରେମ, ବିଶ୍ୱାସଘାତକତା, ପ୍ରତିଶୋଧ ଏବଂ ହିଂସାର କଳା ଛାଇଗୁଡ଼ିକୁ ପ୍ରଦର୍ଶିତ କରିଛି। ଶାହିଦ କପୁର ତାଙ୍କ ଇନଷ୍ଟାଗ୍ରାମରେ 'ଓ ରୋମିଓ' ଫିଲ୍ମର ଟ୍ରେଲର ସେୟାର କରିଛନ୍ତି ଏବଂ କ୍ୟାପସନରେ ଲେଖିଛନ୍ତି, 'କ୍ଷୁର ସହିତ ଖେଳନ୍ତୁ ନାହିଁ, ଏହା ଶରୀରରୁ ଆତ୍ମାକୁ କାଟି ଦିଏ।' ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ 'ଓ ରୋମିଓ' ୧୩ ଫେବୃଆରୀ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିବ। ଅନେକ ପ୍ରଶଂସକ ଶାହିଦଙ୍କ ପୋଷ୍ଟରେ ପାୟାର୍ ଏବଂ ଲାଲ ହୃଦୟର ଇମୋଜି ସେୟାର କରିଛନ୍ତି।

# ବାପା-ମାଆ ହେଲେ ସବ୍ୟାର୍ଚ୍ଚିତା

ଖୁସି ଖବର ଦେଲେ ଓଲିଉଡର ଷ୍ଟାର ଦମ୍ପତି । ବାପା-ମାଆ ହେଲେ ସବ୍ୟାର୍ଚ୍ଚିତା । ପୁତ୍ର ସନ୍ତାନର ବାପା ହେଲେ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ମାଆ ହେଲେ ଅଭିନେତ୍ରୀ ଅର୍ଚ୍ଚିତା । ପୁଅ ହେଇଥିବା ନେଇ ସୋସିଆଲ ମିଡିଆରେ ସୂଚନା ଦେଇ ଖୁସି ଜାହିର କରିଛନ୍ତି ସବ୍ୟସାଚୀ । ଏଥିସହ କାଳିଆ ଆସିଲା... ବୋଲି କହିଛନ୍ତି । ତାଙ୍କ କୁନି ପୁଅକୁ ଆଶୀର୍ବାଦ କରିବାକୁ ସେ ସମସ୍ତଙ୍କୁ ପ୍ରାର୍ଥନା କରିଛନ୍ତି । ତେବେ ଆଜି ସଞ୍ଜରେ ନୂଆ ଅତିଥି ଆସିବା ନେଇ ସୁରାକ ଦେଇଥିଲେ ସବ୍ୟସାଚୀ । ଏକ ମେସେଜରେ କିଛି ପଠାଉଥିବାର ଏକ ସଂକ୍ଷିପ୍ତ ସୂଚନା ଦେଇଥିଲେ ବି ସେହି ବାର୍ତ୍ତା ଯେ ତାଙ୍କ ବାପା ହେବାର ଖୁସି- ତାହା ଏବେ ସ୍ପଷ୍ଟ ହୋଇଛି । ତେବେ ଡିସେମ୍ବର ୧୪ରେ ଓଲିଉଡର ଷ୍ଟାର ଦମ୍ପତି ସବ୍ୟାର୍ଚ୍ଚିତା ଖୁବ ଶୀଘ୍ର ନୂଆ ଅତିଥିକୁ ସ୍ୱାଗତ କରିବାକୁ ଯାଉଛନ୍ତି ବୋଲି ଏକ ପୋଷ୍ଟ କରିଥିଲେ । ଉଭୟ ଏହି ଖୁସି ଖବରକୁ ସେମାନଙ୍କ ପ୍ରଶଂସକଙ୍କ ସହ ସେୟାର କରିଥିଲେ । ସବ୍ୟସାଚୀ ଓ ଅର୍ଚ୍ଚିତା ଖୁବଶୀଘ୍ର ବାପା-ମା ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ସେବେ କହିଥିଲେ । ଆଉ ଏହାପରେ ତାଙ୍କୁ ଶୁଭେଚ୍ଛା ଛୁଟିଥିବା ବେଳେ ଏବେ ବାପା-ମାଆ ହେବା ପରେ ଦୁହିଁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।







ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ମୁଁ ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ଏବଂ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଧନ୍ୟବାଦ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି।

ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର 'କ୍ୟାଣ୍ଡି ସପ' ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ ହୋଇଥିଲା। ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ ପସନ୍ଦ କରାଯାଇ ନଥିଲା।

ନେହା ପ୍ରାୟତଃ ତାଙ୍କ ଭାଇ ଟୋନି କକ୍କରଙ୍କ ସହିତ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ।

ତାଙ୍କ ବ୍ୟକ୍ତିଗତ ଜୀବନରେ, ନେହା ପଞ୍ଜାବୀ ସଂଗୀତ କଳାକାର ରୋହନପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ଅକ୍ଟୋବର ୨୦୨୦ରେ ହୋଇଥିଲା। ସେମାନଙ୍କ ବିବାହ ବିଷୟରେ ବହୁତ ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

# ୧ମ ଜିଲ୍ଲାସ୍ତରୀୟ ପାରାକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୨/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଦିବ୍ୟାଙ୍ଗ ଯୁବକମାନଙ୍କ କ୍ରୀଡ଼ା ଦକ୍ଷତାର ପ୍ରଦର୍ଶନ ଓ ସୁଯୋଗ ସୃଷ୍ଟି ନିମନ୍ତେ ପ୍ରଥମ କରି ଜିଲ୍ଲାସ୍ତରୀୟ ପାରାକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବଗଠିତ ଜିଲ୍ଲା ପାରାକ୍ରୀଡ଼ା ସଂଘ ଓ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସର ସହଯୋଗରେ ଏହି ପ୍ରତିଯୋଗିତା ଜଜାଙ୍ଗ ନିକଟସ୍ଥ ଜେନା ପୋଖରୀ ପଡ଼ିଆ ଠାରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରାଜ୍ୟ ପାରାକ୍ରୀଡ଼ା ସଂଘର ସମ୍ପାଦକ ସୁନୀଲ ପ୍ରଧାନ, ବରିଷ୍ଠ ଚିକିତ୍ସକ ଡ଼. ବିଶ୍ୱପ୍ରକାଶ କାନୁନ୍‌ଗୋ ଓ ପାରାକ୍ରୀଡ଼ା ସଂଘ, କେନ୍ଦ୍ରାପଡ଼ା ଓ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ ବିରଜା ରାଉତରାୟ ଏବଂ ଏକାଧିକ ଆନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଆନ୍ତର୍ଜାତୀୟ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ସାଥି କ୍ରୀଡ଼ାବିତମାନଙ୍କ ସହ ପାରାକ୍ରୀଡ଼ାର ମଶାଲ ଧାରଣ କରି ଏକ ସଂକ୍ଷିପ୍ତ ଶୋଭାଯାତ୍ରାରେ ପଡ଼ିଆ ପରିକ୍ରମା କରିଥିଲେ। ଜିଲ୍ଲାର ଏକାଧିକ ଜାତୀୟ ଓ ଆନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ପ୍ରଶାନ୍ତ ନାୟକ, ବଳରାମ ସ୍ୱାଇଁ, ସୁଧୀର ମଲ୍ଲିକ, ରଞ୍ଜିତ ସେନାପତି ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ରୁ ଉର୍ଦ୍ଧ୍ୱ ପାରାକ୍ରୀଡ଼ାବିତମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଶେଖ୍ ସୌକତ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ମୋଟ୍ ଛଅ ଗୋଟି ଇଭେଂଟରେ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର୍‌ଆଇଆର୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଫଳ ପାରା କ୍ରୀଡ଼ାବିତ୍‌ମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରିବା ସହ ପାରାକ୍ରୀଡ଼ାସଂଘର ଏହି ପଦକ୍ଷେପ ଜିଲ୍ଲାରେ ଭବିଷ୍ୟତକୁ ଜାତୀୟ ଓ ଆନ୍ତର୍ଜାତୀୟ ପାରାକ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସୁଯୋଗ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଆରତୀ ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟର ଷ୍ଟାଫ୍ ଏବଂ କନିଷ୍ଠ ପାରା କ୍ରୀଡ଼ାବିତ୍‌ମାନଙ୍କ ସହ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଗ୍ରହୀ ଯୁବ ପାରାକ୍ରୀଡ଼ାବିତ୍‌ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତିରେ ବିଶେଷ କାର୍ଯ୍ୟକ୍ରମ

ବଲାଙ୍ଗିର, ୨୨/୧ (ନି.ପ୍ର): ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗିର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଷ୍ଟ୍ର ଗୀତର ସାମୂହିକ ଗାନରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଅନନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ତରଣୀ ସୁନା, ପ୍ରଫେସର ଡଃ. ପ୍ରମୋଦ ଚନ୍ଦ୍ର ଦୋରା, ବଲାଙ୍ଗିର ପଂଚାୟତ ସମିତି ଅଧକ୍ଷା ସରିତା ବାଗ, ସାଂସଦ ପ୍ରତିନିଧି ଗୋଲାପ ବାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ଯୋଗଦାନ କରିଥିଲେ । ବନ୍ଦେ ମାତରମ୍ ଆମ ହୃଦୟରେ ଐତିହ୍ୟ, ଦେଶପ୍ରେମ ଓ ଅସୀମ ଗୌରବର ଅଭିବ୍ୟକ୍ତି। ଏହା କେବଳ ଗୀତ ନୁହେଁ; ଏହା ଆମକୁ ଦାୟିତ୍ୱ, ସେବା ଓ ସଂଯମର ପଥ ଦେଖାଏ। ଯଦି ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟଗୁଡ଼ିକୁ ଆତ୍ମସାତ୍ କରିବେ, ତେବେ ଶିକ୍ଷା, କୌଶଳ ଓ ସମାଜସେବା ମାଧ୍ୟମରେ ଦେଶର ସ୍ଥାୟୀ ଉନ୍ନତି ସୁନିଶ୍ଚିତ ହେବ। ଆମେ ଦେଶ ପ୍ରେମକୁ କେବଳ ଭାବନା ଭାବରେ ସୀମିତ ନ ରଖି, ପ୍ରତ୍ୟେକ ଦିନର କାର୍ଯ୍ୟରେ ପରିଣତ କରିବାକୁ ପ୍ରତିଜ୍ଞା କରିବା। ଛୋଟ ଛୋଟ ସେବାକାର୍ଯ୍ୟ, ସତ୍ୟର ପାଳନ ଓ ଶିକ୍ଷାରେ ନିଷ୍ଠା ଦ୍ୱାରା ଆମେ ଦେଶର ଗୌରବ ବଢ଼ାଇପାରିବା । ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଓଡିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ବଇଦୁପାଲି, ଆଶ୍ରମ ବିଦ୍ୟାଳୟ, ଝଙ୍କାରପାଲି ଏବଂ ଧୋବା ଉଚ୍ଚ ବିଦ୍ୟାଳୟ, ହର୍ଡାଟାଲ, ବଲାଙ୍ଗିରର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ ବେହେରା, ସହକାରୀ ଜିଲ୍ଲାପାଳ ଦେବସ୍ମିତ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ସମେତ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା, ୨୨/୧ (ନି.ପ୍ର): ପାଠ ପଢା ସହ କୋମଳମତି ଶିଶୁଙ୍କ ଶାରୀରିକ ବିକାଶ ସହ ସେମାନଙ୍କ ପ୍ରତିଭାକୁ ଲୋକାଲୋଚନକୁ ଆଣିବା ପାଇଁ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି । ଏନେଇ ସମସ୍ତ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ ଯାଜପୁର ବ୍ଲକ ନିଳକଣ୍ଠପୁର କ୍ଲଷ୍ଟର ଅଧିନରେ ଥିବା ମା' ଜାଡେଇ ଉପ୍ରା ବିଦ୍ୟାଳୟ ଓ ସାନବାଗସାହି ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା' ଜାଡେଇ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ ରଂଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ମଂଟୁ ଦାସ, ଗାୟକ କଳାକାର ଭିକାରୀ ଚରଣ ଦାସ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରେନ କୁମାର ସାମଲ ଓ କୁଳମଣୀ ବଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ପୁସ୍ତକଗତ ଶିକ୍ଷା ଓ ଶାରୀରିକ କ୍ରୀଡା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇ ଥିଲେ। ସହକାରୀ ଶିକ୍ଷକ ଅବଦୁଲ ରସିଦ ଖାଁନ୍ ଅତିଥି ପରିଚୟ ସହିତ ମଂଚ ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ଅରବିନ୍ଦ ନାୟକ,ଚନ୍ଦନ କୁମାର ନାୟକ ଓ ମା' ଜାଡେଇ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ସଭାପତି ଶୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାନବାଗସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାନୀ ସାମାଡ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଗ୍ର ହିନ୍ଦୁ ସମାଜର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ

ବଲାଙ୍ଗୀର, ୨୨/୧ (ନି.ପ୍ର): ସ୍ଥାନୀୟ ମହାରାଣୀ ସାଗର ତଳେ ଥିବା ଭଗବତୀ ନଗର ଠାରେ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଂଚଳର ମହିଳାମାନଙ୍କ ଦ୍ୱାରା ସକାଳ ୮ ଟାରେ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପରେ ମଣ୍ଡପ ଠାରେ ପହଂଚି ଥିଲା। ଭାରତ ମାତାଙ୍କ ପୂଜନ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ପୂଜକ ଅକୃର ତ୍ରିପାଠୀ କରି ଥିବାବେଳେ ପାଂଚଯୋଡା ଦମ୍ପତି ଏହି କାର୍ଯ୍ୟରେ କର୍ତା ଭବରେ ଯୋଗଦେଇ କାର୍ଯ୍ୟ ତୁଲାଇଥିଲେ। ଦିନ ୧୨ ପର୍ଯ୍ୟନ୍ତ ଭାରତମାତାଙ୍କ ପୂଜନ ପରେ ଜ୍ଞାନଯଜ୍ଞ ସମ୍ମିଳନୀ ଡକ୍ଟର ରମାକାନ୍ତ ସେଠଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ଯୋଶୀ, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ. ବାଗ୍ମୀ ସରସ୍ୱତୀ ନନ୍ଦ, ପୂର୍ବତନ ସୈନିକ ବିଭୂତି ଭୂଷଣ ପାଣିଗ୍ରାହୀ ବିଭଗ ସଙ୍ଘ ଚାଳକ ଯତୀନ୍ଦ୍ର ମୋହନ ପାଠୀ, ସମାଜ ଦ୍ୱାରା ଆହୂତ, ପରମ ବୈଭବ ଶାଳୀ ସାମ୍ରାଜ୍ୟ ପାଇଁ ହିନ୍ଦୁ ସଂଗଠିତ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ. କାର୍ଯ୍ୟକ୍ରମକୁ ଅଧିବକ୍ତା ଶଶୀଭୂଷଣ ପୁରୋହିତ ସଂଯୋଜନା କରିଥିଲେ। ପୂର୍ବରୁ ଅଶୋକ ମିଶ୍ର ମନ୍ତ୍ର ପାଠ କରିଥିଲେ। ଏହି ଅଧିବେଶନରେ ବିଭିନ୍ନ ହିନ୍ଦୁ ବାଦୀ ସଂଗଠନ କାର୍ଯ୍ୟକର୍ତା ସମେତ ବିଭିନ୍ନ ଅନୁଷ୍ଠାନ ଓ ଅଂଚଳରେ ରହିଥିବା ଅନେକ ଯୋଗଦାନ କରିଥିଲେ। ବଲାଙ୍ଗୀର ସହର ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ର ସତ ବାର୍ଷିକ ପାଳନ ଅବସରରେ ଆହୁରି ୧୪ ଗୋଟି ହିନ୍ଦୁ ସମ୍ମିଳନୀ ହେବାକୁ ଯାଉଛି ବୋଲି ସଂଘ ଚାଳକ କହିଥିଲେ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଂସ ଦରବାର୍‌ରେ କଳା ପ୍ରସନ୍ନ ଶାହୁ, ସତ୍ୟ ସିଂହ ଦେଓ କଂସ ଦରବାର କରି ଅଭିନୟ କରିଥିଲେ। ଶେଷରେ ଦିଲ୍ଲିପ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ଓ ବୈଠକ

କେନ୍ଦ୍ରାପଡ଼ା, ୨୨/୧ (ନି.ପ୍ର): ଜିଲ୍ଲାପାଳ, ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମୀଣ ଉନ୍ନୟନ ଏବଂ ଜନକଲ୍ୟାଣ ଯୋଜନାଗୁଡ଼ିକର ଅଗ୍ରଗତି ଉପରେ ଗଭୀର ଆଲୋଚନା କରାଯାଇଥିଲା। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗ୍ରାମୀଣ ଆବାସ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚୟତା ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ଗ୍ରାମପଂଚାୟତ ଭବନ, ପଂଚାୟତ ଲର୍ଣ୍ଣ ସେଂଟର, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ଜୀବିକାମିଶନ, ମିଶନଶକ୍ତି, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ, ଏବଂ ସମଗ୍ର ଶିକ୍ଷା ଅଭିଯାନ ଆଦି ବିଷୟରେ ବ୍ଲକ୍ ଓ୍ୱାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ମହୋଦୟ ସମସ୍ତ ବିଡ଼ିଓମାନଙ୍କୁ ଯୋଜନାଗୁଡ଼ିକୁ ସମୟବଦ୍ଧ, ଗୁଣାତ୍ମକ ଓ ଲକ୍ଷ୍ୟ ଭିତିକ ଭାବରେ କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅସମ୍ପୂର୍ଣ୍ଣ ଓ ଅଧୂରା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମାପ୍ତ କରି ଜନସାଧାରଣଙ୍କୁ ଲାଭ ପହଂଚାଇବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଜିଲ୍ଲାପାଳ ମହୋଦୟ ସ୍ପଷ୍ଟ କରିଥିଲେ ଯେ, କ୍ଷେତ୍ର ସ୍ତରରେ ଦାୟିତ୍ୱବୋଧ, ସମନ୍ୱୟ ଓ କାର୍ଯ୍ୟଦକ୍ଷତା ହିଁ ସରକାରୀ ଯୋଜନାର ସଫଳତାର ମୂଳଆଧାର। ଲୋକମୁଖୀ ଉନ୍ନୟନ ଓ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ସମସ୍ତ ଅଧିକାରୀଙ୍କୁ ଟିମ୍ଭାବେ କାମ କରିବାକୁ ସେ ଆହ୍ୱାନ କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା, ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଯୋଜନାର ନୋଡାଲ ଅଧିକାରୀ ଏବଂ ସମସ୍ତ ବ୍ଲକର ବିଡ଼ିଓମାନେ ଉପସ୍ଥିତ ଥିଲେ।

# ଆଗ୍ରିଆ ମହୋତ୍ସବ ୨୩ ବର୍ଷରେ ପଦାର୍ପଣ

## ■ଏହି ବର୍ଷ ଅନୁଷ୍ଠିତ ହେବ ରକ୍ତଦାନ ଶିବିର
## ■ନୃତ୍ୟ ପ୍ରତିଯୋଗିତା ସହ ଓଡିଆ ଜଗତର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ଯୋଗଦାନ
## ■ପାଞ୍ଚ ରାତି ଝୁମିବେ ଦର୍ଶକ
## ■ପ୍ରତ୍ୟେକ ସନ୍ଧ୍ୟାରେ ନାମୀଦାମୀ ଷ୍ଟାର କଳାକାର

ବେତନଟୀ ୨୨/୧ (ନି.ପ୍ର) : ଆଗ୍ରିଆ ମହୋତ୍ସବ ଏବର୍ଷ ୨୩ ବର୍ଷରେ ପଦାର୍ପଣ କରିବ। ଏହି ମହୋତ୍ସବ ୨୦୦୩ ମସିହାରେ ସ୍ଥାନୀୟ ମା ବୀଣାପାଣି ଯୁବକ ସଂଘ ଆଗ୍ରିଆ ତରଫରୁ ଆରମ୍ଭ କରାଯାଇଥିଲା । ନିଜ ଅଞ୍ଚଳରେ ଯୁବ ପ୍ରତିଭା ଅନ୍ୱେଷଣ ଆଶା ନେଇ କରାଯାଇଥିବା ମହୋତ୍ସବ ଅନେକ କଳାକାରଙ୍କୁ ଏହିଠାରେ ପ୍ରତିଭା ପ୍ରସ୍ଫୁଟିତ କରିପାରିଛି। ପ୍ରଥମ ବର୍ଷ ଏହା ମାତ୍ର ୧୫ ହଜାର ଟଙ୍କାର ବଜେଟରେ ଆରମ୍ଭ ହୋଇଥିବା ମହୋତ୍ସବର କଳେବର ବୃଦ୍ଧି ପାଇ ଲକ୍ଷାଧିକ ଟଙ୍କାର ଆୟୋଜନରେ ପହଞ୍ଚିଛି। ଏଥିସହିତ ଲୋକମାନଙ୍କର ବେଶ ପ୍ରିୟଭାଜନ ହୋଇପାରିଛି। ଫଳରେ ବେତନଟୀରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବରେ ପ୍ରସିଦ୍ଧି ହୋଇ ପାରିଛି। ଏ ବର୍ଷ ମା ସରସ୍ୱତୀଙ୍କର ଆଗୁଆ ଆଗମନ ହେଉଥିବାରୁ ଆଗ୍ରିଆ ମହୋତ୍ସବ ୨୩ ତାରିଖରେ ଆରମ୍ଭ ହୋଇ ଛଅ ଦିନ ଧରି ମହୋତ୍ସବ ଚାଲିବ। ଏହି ମହୋତ୍ସବ କମିଟି କେବଳ କଳାକାର ନୁହଁନ୍ତି କ୍ରୀଡା ପ୍ରତିଭାର ବିକାଶ ପାଇଁ କବାଡି ଓ ଭଲିବଲ ପ୍ରତିଯୋଗିତା ଆୟୋଜନ କରିଥାଏ। ଏହା ସହିତ ଜାନୁଆରୀ ୨୬ ତାରିଖ ଦିନ ୧୦ ଟା ରେ ସମ୍ବାଦ ଓ ଆମ ଓଡ଼ିଶା ମିଳତ ସହଯୋଗ ରେ ଏକ ରକ୍ତଦାନ ଭଳି ମହତ ଦାନ ପାଇଁ ରକ୍ତଦାନ ଶିବିର ଆୟୋଜନ କରିଥାଏ। ଏହା ସହିତ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରିଥାଏ। କଳାର ବିକାଶ ଓ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ପ୍ରତିଦିନ ସନ୍ଧ୍ୟାରେ ଝୁମର ମେଲୋଡି ଓ ଡ୍ୟାନ୍ସ ଧମାକା ଅନୁଷ୍ଠିତ ହୋଇଥାଏ। ଏ ବର୍ଷର ବିଶେଷ ଆକର୍ଷଣ ଓଲିଉଡ ଜଗତର ନାମିଦାମି କଳାକାର,ଓଡିଆ ଆଲବମ ଜଗତର ନାମିଦାମି ଗାୟକ ଗାୟିକା ଓ ଜାନୁଆରି ୨୭ ତାରିଖ ଦିନ ଓଡିଆ ଜଗତର ସୁପର ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଯୋଗଦାନ କରିବେ। ଏବର୍ଷ ଆଗ୍ରିଆ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୧୦ ରୁ ୧୨ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିବା ମା ବୀଣାପାଣି ଯୁବକ ସଂଘର କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି।

୧ - ମୟୂରଭଞ୍ଜ ମାଟି ହେଉଛି କଳାର ମାଟି । ଏହି ମାଟି ଅନେକ କଳାକାର ଜନ୍ମ କରିଛି । ସେଇ କଳାକାର ମାନଙ୍କ ଲୁକ୍କାୟିତ ପ୍ରତିଭା ଏବଂ କଳାର ଚିହ୍ନଟ କରିବା ସହ ଉପଯୁକ୍ତ ପ୍ରତିପୃଷ୍ଟି ଯୋଗାଇ ଦେବାର ଉଦ୍ଦେଶ୍ୟ ନେଇ ଦୀର୍ଘ ୨୩ ବର୍ଷ ଧରି ବୀଣାପାଣି ଯୁବକ ସଂଘ ର ସଦସ୍ୟ ମାନଙ୍କ ଦ୍ୱାରା ଏହି 'ଆଗ୍ରିଆ ମହୋତ୍ସବ' ଆୟୋଜିତ କରାଯାଉଅଛି । ଏହି ଆଗ୍ରିଆ ମହୋତ୍ସବରେ ସବୁ ବର୍ଗର ଲୋକଙ୍କ ପାଇଁ ମନୋରଞ୍ଜନଧର୍ମି କାର୍ଯ୍ୟକ୍ରମ ରହୁଥିବାରୁ ଏହା ସମସ୍ତ ଦର୍ଶକ ଦର୍ଶିକା ମାନଙ୍କ ଦ୍ୱାରା ଆଦୃତଲାଭ କରିପାରିଛି ଏବଂ ତତ୍ ସହିତ ରକ୍ତଅଭାବ ଦୂର କରିବା ନିମନ୍ତେ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ ପାଇଁ ବୀଣାପାଣି ଯୁବକ ସଂଘ ମହନୀୟତା ର ପରିଚୟ ସୃଷ୍ଟି କରିପାରିଛି ।

ଜୀବନ କୁମାର ପରିଡ଼ା, ସମ୍ପାଦକ
ବୀଣାପାଣି ଯୁବକ ସଂଘ

୨ - ଫୁଲ ଅରଣ୍ୟରେ ଫୁଟିଲେ ବି ତାର ସୌରଭ ଚାରିଆଡ଼େ ମହକିଲା ପରି 'ଆଗ୍ରିଆ ମହୋତ୍ସବ'ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପର୍ଯ୍ୟନ୍ତ ଚହଳ ସୃଷ୍ଟି କରିପାରିଛି। ଏହାର ସାଂଗଠନିକ ଦକ୍ଷତା ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ପାଇଁ ହଜାର ହଜାର ଲୋକଙ୍କର ପ୍ରଶଂସା ଭାଜନ ହୋଇପାରିଛି। କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀ ଓ ମହିଳା ମାନଙ୍କର ଲୁଚି ରହିଥିବା ପ୍ରତିଭା ବିକଶିତ କରିବା ପାଇଁ ଯଥେଷ୍ଟ ସୁଯୋଗ ରହିଛି। ଉକ୍ତ ଉତ୍ସବ ଉପୋଭୋଗ କରିବା ପାଇଁ ଯଥେଷ୍ଟ ସୁଯୋଗ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନୃତ୍ୟ, ସଙ୍ଗୀତ, କ୍ରୀଡା, ଏକକ ଅଭିନୟ ଓ କୁଟୀର ଶିଳ୍ପ ଇତ୍ୟାଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଅଧିକ ଉତ୍ସାହିତ କରିବା ସହ ସମ୍ମାନୀତ କରାଯାଇପାରୁଛି । ଉଲ୍ଲେଖନୀୟ ଘରୁ ବାହାରୁନଥିବା ବୟସ୍କ ନାରୀମାନେ ଅଧିକ ସଂଖ୍ୟାରେ ଆସି ବିଭିନ୍ନ ପ୍ରତିଯୋଗିତା ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିବା ସହ ଅଧିକ ଉତ୍ସାହିତ ହୋଇ ପାରୁଛନ୍ତି। ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଝୁମର, ସିନେମା ଜଗତର କଳାକାରମାନଙ୍କର ଉପସ୍ଥିତି ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ବିଶେଷ କରି ରକ୍ତ ଦାନ ଭଳି ମହତ୍ କାର୍ଯ୍ୟକ୍ରମ କରି ରେକର୍ଡ ପରିମାଣ ର ରକ୍ତ ସଂଗ୍ରହ କରି ସବୁବେଳେ ପ୍ରଶଂସା ର ପାତ୍ର ସାଉଁଟିଛି ବୀଣାପାଣି ଯୁବକ ସଂଘ। ସମସ୍ତଙ୍କ ସହଯୋଗ ରେ ଆଗାମୀ ଉତ୍ସବ ର ସଫଳତା ହିଁ କାମନା।

ମନୋରଞ୍ଜନ ରାଉତ
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

୩ - ବିଶେଷ କରି ବୀଣାପାଣି ଯୁବକ ସଂଘ ର ଲକ୍ଷ୍ୟ ହେଉଛି ଯେ ଆମ୍ଭ ଅଞ୍ଚଳର ଯୁବ ପ୍ରତିଭା କୁ ସମସ୍ତଙ୍କ ସାମ୍ନା କୁ ଆଣିବାର ସଦା ସର୍ବଦା ପ୍ରଚେଷ୍ଟା କରୁଅଛୁ । ତା ସହିତ ସ୍ୱଚ୍ଛ ଭାରତ ଯୋଜନା ମାଧ୍ୟମରେ ମଧ ପରିବେଶକୁ ସ୍ୱଚ୍ଛ କରିବା ସହ ଅନ୍ୟ ବହୁ କାର୍ଯକ୍ରମ କରୁ ଯାହା ଦ୍ୱାରା ସମାଜକୁ କିଛି ବାର୍ତ୍ତା ମଧ ଦେଇଥାଉ। ପରିଶେଷରେ ଆମ୍ଭ କେମିତି ଆମ୍ଭ ଜିଲ୍ଲା ଏବଂ ରାଜ୍ୟରେ ନଂ -୧ ଯୁବକ ସଂଘ ହୋଇ ପାରିବ ସେଥିପ୍ରତିଧ୍ୟାନ ଦେଉଛୁ।

# ଖୋର୍ଦ୍ଧାରେ ସ୍ୱଦେଶୀ ସଂକଳ୍ପ ଯାତ୍ରା
## ପରିବାରରୁ ସ୍ୱଦେଶୀ ବିଚାର ଆରମ୍ଭ ହେଉ

ଖୋର୍ଦ୍ଧା, ୨୨/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ସ୍ୱଦେଶୀ ଜାଗରଣ ମଂଚ ଉତ୍କଳ ପୂର୍ବ ପ୍ରାନ୍ତ ଆନୁକୂଲ୍ୟରେ ଚାଲିଥିବା ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥ କୁ ଖୋର୍ଦ୍ଧାରେ ଭବ୍ୟ ସ୍ୱାଗତ କରାଯାଇଛି ।ଜଟଣୀ କୁଦୁଆରୀ ହନୁମାନ ମନ୍ଦିର ନିକଟରେ ଏକାଧିକ କର୍ମକର୍ତ୍ତା ଫୁଲ ଚନ୍ଦନ ଅକ୍ଷତ ପକାଇ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ ବାଇକ ଶୋଭାଯାତ୍ରାରେ ମା ଉତ୍ତରାୟଣୀ ମନ୍ଦିର ରେ ପହଂଚିଥିଲା। ଆରଏସଏସ ଜିଲ୍ଲା ସଂଘଚାଳକ ନିରଞ୍ଜନ ସାହୁ ଉଦବୋଧନ ଦେଇ କହିଲେ ସ୍ୱଦେଶୀ ଏକ ବିଚାର। ଭାରତୀୟ ସ୍ୱାଧିନତା ସଂଗ୍ରାମରେ ରାଷ୍ଟ୍ର ପ୍ରେମ ଜାଗରଣ କରିଥିଲା। ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ସାରା ଭାରତରେ ଏକ ପ୍ରଭାବ ବିସ୍ତାର କରିଥିଲା। ଆରଏସଏସ ର ଶତାବ୍ଦୀ ବର୍ଷ ରେ ପଂଚ ପରିବର୍ତ୍ତନ ବାର୍ତ୍ତା ମଧ୍ୟରେ ସ୍ୱଦେଶୀ ଅନ୍ୟତମ। ଭାରତ ସ୍ୱ ଆଧାରିତ ଅର୍ଥାତ ସଂସ୍କୃତି ସ୍ୱାବଲମ୍ବନ ସ୍ୱ ରୋଜଗାର ବିଚାରଧାରା ରହିଥିଲା। ପାଶ୍ଚାତ୍ୟ ଭୋଗବାଦର ସଂସ୍କୃତିରେ ପ୍ରଭାବରେ ଆମ ପାରମ୍ପାରିକ ଜ୍ଞାନ କୌଶଳ ରେ ନିର୍ମିତ ବସ୍ତୁ, ସାମଗ୍ରୀ ବ୍ୟବହାର କୁ ଭୂଲିଯାଇଛୁ। ଆମ ବିଚାରଧାରା ସ୍ୱ ଆଧାରିତ ହେଲେ ଭାରତ ସମୃଦ୍ଧ ସଶକ୍ତ ହୋଇପାରିବ। ଘର ଘର ପର୍ଯ୍ୟନ୍ତ ଏହି ବାର୍ତ୍ତା ଆମକୁ ପହଂଚାଇବାକୁ ପଡିବ। ପରିବାର ରୁ ସ୍ୱଦେଶୀ ଜାଗରଣ ଆରମ୍ଭ କରିବାକୁ ଆହ୍ୱାନ କରିଥିଲେ। ସଂକଳ୍ପ ଯାତ୍ରା ଖୋର୍ଦ୍ଧା ଜିଲ୍ଲା ପ୍ରମୁଖ ପ୍ରଭାତ ପାଣିଗ୍ରାହୀ କହିଲେ ଭାରତକୁ ଆର୍ଥିକ ରୂପରେ ସମୃଦ୍ଧ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଆମ ଘର ପରିବାର ରେ ପ୍ରାଥମିକତା ଦେବାକୁ ହେବ। ବଜାରରେ ସ୍ୱଦେଶୀ ବସ୍ତୁ କୁ ଗୁରୁତ୍ୱ ଦିଅନ୍ତୁ। ବିଦେଶୀ ବହୁ ରାଷ୍ଟ୍ରୀୟ କମ୍ପାନୀ ଉତ୍ପାଦ ବ୍ୟବହାର କରିବେ ନାହିଁ। ସ୍ୱଦେଶୀ ଭାଷା ବେଶଭୂଷା ଉତ୍ସବ, ପର୍ବପର୍ବାଣୀ ସ୍ୱଦେଶୀ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସ୍ୱଦେଶୀ ବିଚାରାଧାରା ଦେଶକୁ ସମୃଦ୍ଧି ପଥରେ ଆଗେଇ ନେବ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସ୍ୱଦେଶୀ ବ୍ୟବହାର କରିବାକୁ କହିଥିଲେ। ଏହି ଅବସରରେ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା ।ସେଠାରୁ ମା ଉତ୍ତରାୟଣୀ ଙ୍କ ଆର୍ଶୀବାଦ ନେଇ ସଂକଳ୍ପ ରଥ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲା। ସେଠାରେ ମୁକୁନ୍ଦପ୍ରସାଦ ମେଲଣ ପଡିଆରେ ରଥ କୁ ହିନ୍ଦୁ ଜାଗରଣ ମଂଚ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ର କର୍ମକର୍ତ୍ତା ପୁଷ୍ପ ବୃଷ୍ଟି କରି ସ୍ୱାଗତ ସହ ସ୍ୱଦେଶୀ ନାରା ଦେଇଥିଲେ। ସେଠାରୁ ଛକ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରୁ ରଥ ଖୋର୍ଦ୍ଧା ସହର ପରିକ୍ରମା କରି ସମବାୟ ଛକ, ଏସବିଆଇ ଛକ, ସରସ୍ୱତୀ ବିଦ୍ୟାମନ୍ଦିର ସ୍ୱଦେଶୀ ସଂକଳ୍ପ ରଥ କୁ ସ୍ୱାଗତ ସହ ସଂକଳ୍ପ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସ୍ୱଦେଶୀ ଜାଗରଣ ମଂଚ ଜିଲା ସଂଯୋଜକ ଶୁଶାନ୍ତ ମୋହନ ପଟ୍ଟନାୟକ ସଂଯୋଜନା କରିଥିଲେ।

# କେନ୍ଦ୍ରାପଡ଼ାରେ ଜାତୀୟ ବାଳିକା ଦିବସ ପାଳନ

କେନ୍ଦ୍ରାପଡ଼ା, ୨୨/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବେଟି ବଂଚାଓ ବେଟି ପଢ଼ାଓ ଯୋଜନା ଅଧିନରେ ଜାତୀୟ ବାଳିକା ଦିବସ ୨୦୨୬ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉତୋଳନ କରିଛନ୍ତି। ସପ୍ତାହ ଧରି ଏହା ଚାଲିବ। ଏହି ଉପଲକ୍ଷେ ପଦଯାତ୍ରା ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ବେଟି ବଂଚାଓ ବେଟି ପଢ଼ାଓ, ନାରୀ ଶିକ୍ଷା ଇତ୍ୟାଦି ସମ୍ପର୍କରେ ସ୍ଲୋଗାନ ଦେଇ ଜନ ସାଧାରଣଙ୍କୁ ସଚେତନ କରିଥିଲେ।

# ନୂଆପଡାରେ ଓରମାସ ଆନୁକୁଲ୍ୟରେ କ୍ରେତା ଓ ବିକ୍ରେତା ସମ୍ମିଳନୀ ଓ ପ୍ରଦର୍ଶନୀ ଅନୁଷ୍ଠିତ

ନୂଆପଡା, ୨୨/୧ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ପ୍ରାଙ୍ଗଣ ରେ ଓର୍ମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଏକ କ୍ରେତା ଓ ବିକ୍ରେତା ସମ୍ମିଳନୀ ଓ ପ୍ରଦର୍ଶନୀ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ବିଭିନ୍ନ ରାଜ୍ୟ, ଜିଲ୍ଲାରୁ କ୍ରେତା ତଥା ଜିଲ୍ଲାର କୋଣ ଅନୁକୋଣ ରୁ ବିଭିନ୍ନ ବିକ୍ରେତା ଯୋଗଦାନ କରିଥିଲେ । ଉକ୍ତ ସମ୍ମିଳନୀରେ କ୍ରେତା ଓ ବିକ୍ରେତା ମାନଙ୍କ ମଧ୍ୟରେ ଭବିଷ୍ୟତରେ କେମିତି ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲାପାଳ କହିଲେ ଯେ ବର୍ତ୍ତମାନ ଏହି ସବୁ ଗ୍ରାମୀଣ ଉତ୍ପାଦ ର ବଜାର ଚାହିଦା ଥିବାରୁ ଅଧିକ ମାତ୍ରାରେ ଏସବୁ ଚାଷ ଏବଂ ସଂଗ୍ରହ କରାଯାଉ । କ୍ରେତା ମାନେ ଉତ୍ପାଦକ ମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରି ଏହା ସଂଗ୍ରହ କଲେ କୃଷକ, ସ୍ୱୟଂ ସହାୟକ ଦଳ ଲାଭବାନ ହେବାସହ ବିଧାନ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି, ଅବକାରୀ ଅଧିକ୍ଷକ ,ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି, ଜିଲ୍ଲା ଶିଳ୍ପକେନ୍ଦ୍ର ପରିଚାଳକ, ଉପ ନିର୍ଦ୍ଦେଶକ ହସ୍ତଶିଳ୍ପ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲାର ସଂପୃକ୍ତ ବିଭାଗ ଓ ବିଭିନ୍ନ କ୍ରେତା ମାନଙ୍କ ମଧ୍ୟରେ ଆଗାମୀ ଦିନରେ କେମିତି ଉତ୍ପାଦିତ ଦ୍ରବ୍ୟର ବଜାରିକରଣ କରିବା ସହିତ ଦ୍ରବ୍ୟ ସମୂହ ର ବିତରଣ ଓ ଅନଲାଇନ ପ୍ଲାଟଫର୍ମ ରେ ଉତ୍ପାଦିତ ଦ୍ରବ୍ୟର ବଜାରି କରଣ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା ।ଉକ୍ତ ସମ୍ମିଳନୀରେ ଜଙ୍ଗଲ ଉତ୍ପାଦିତ ଦ୍ରବ୍ୟ ଯଥା ହରିଡ଼ା, ବାହାଡ଼ା, ତେନ୍ତୁଳି, ଷ୍ଟବେରି ମକା, ମହୁ, ଓ ଅନ୍ୟାନ୍ୟ ଉତ୍ପାଦିତ ଦ୍ରବ୍ୟ ଯାହା ଓରମାସ ଦ୍ୱାରା ବିଗତ ଦିନରେ ବଜାରିକରଣ କରାଯାଇଥିଲା ତାହାର ତଥ୍ୟ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ତେନ୍ତୁଳି ୭୦୦ କୁଇଂଟାଲ, ଷ୍ଟବେରି ୧୦ କୁଇଂଟାଲ, ମହୁ ୧୦ କୁଇଂଟାଲ,ମକା ୫୦୦ ଟନ୍ ର ବିକ୍ରି ସୁବିଧା କରିବା ପାଇଁ ସ୍ଥିର କରାଗଲା ।ପରିଶେଷରେ ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସ ନୂଆପଡ଼ା ବିଦେଶ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୋଲିସ ସମିତି ବୈଠକ

ଜୟପୁର, ୨୨/୧ (ନି.ପ୍ର): ଦିନକୁ ଦିନ ଜୟପୁର ସହରରେ ଅପରାଧି ମାମଲା ବଢିଚାଲୁଥିବା ବେଳେ ପୁଲିସକୁ ସୁବିଧା ଯୋଗାଇଦେବା ପାଇଁ ପୌରପାଳିକାର ସମସ୍ତ ୱାର୍ଡରେ ପୌ?ରପାଳିକାର ସହଯୋଗ କ୍ରମେ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରାଯାଇଛି। ସ୍ଥାନୀୟ ଟାଉନଥାନା ପରିସରରେ ଆଜି ଆୟୋଜିତ ଜନସାଧାରଣ ଓ ପୁଲିସ ମଧ୍ୟରେ ସଂପର୍କକୁ ସୁଦୃଢ କରିବା ନିମନ୍ତେ ଆୟୋଜିତ ଆମ ପୁଲିସ କାର୍ଯ୍ୟକ୍ରମରେ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଜୟପୁର ଜନସାଧାରଣ ଓ କାଉନସିଲର ମାନେ ଉପସ୍ଥିତ ରହି ଥାନା ପକ୍ଷରୁ ସହରରେ ସିସିଟିଭି ଲଗାଇବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଆଗାମୀ ଦିନରେ କାଉନ ସିଲରେ ପ୍ରସ୍ତାବ ପକାଇବା ପାଇଁ ଆଲୋଚନା କରିଥିଲେ। ପୁଲିସ ଲୋକଙ୍କ ନିକଟତର ହେବାକୁ ବା ଲୋକଙ୍କୁ ପୁଲିସର ନିକଟତର କରିବାକୁ ଲକ୍ଷ ରଖାଯାଇଛି। ବିଶେଷକ କରି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦିଗରେ ପୁଲିସକୁ ସହଯୋଗ କରିବା ପାଇଁ ଏହି କାର୍ଯ୍ୟକ୍ରମ ବେଶ ଗୁରୁତ୍ୱ ଅଟେ। ବିଭିନ୍ନ କଲୋନିରେ ଭଡାଘର, ମେସ, ବେଆଇନ ବେପାର ଆଦିକୁ ନେଇ ଉପୁଜୁଥିବା ସାମୂହିକ ସମସ୍ୟା ବାବଦରେ ଲୋକେ ପୁଲିସକୁ ଜଣାଇଥିଲେ। ଗାଡି ଚଲାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ଟ୍ରାଫିକ ବ୍ୟବସ୍ଥା ବହୁତ ହେଉଥିବା ଯୋଗୁଁ ଏହାର ସୁଧାର ଆଣିବାକୁ ପୁଲିସ ଲୋକଙ୍କ ସହଯୋଗ ଲୋଡିଥିଲେ। ପୌରାଧକ୍ଷ ନରେନ୍ଦ୍ର ମହାନ୍ତି କେବଳ ପୁଲିସ ଚାହିଁଲେ ସବୁ କିଛି ହୋଇପାରିବ ନାହିଁ ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପଡିବ ବୋଲି କହିଥିଲେ।

# ଆଧାର ନାହିଁ ବୋଲି ମିଳୁନି ମଧ୍ୟାହ୍ନ ଭୋଜନ, ପୋଷାକ ଓ ପାଠ୍ୟ ପୁସ୍ତକ

## ମାନସିକ ଚାପ ଯୋଗୁଁ 'ମାଳତି' ଗଲେ ନାହିଁ ବିଦ୍ୟାଳୟ



ଉଦଳା , ୨୨/୧ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ମହୁଲଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦୁର୍ଗା ହାଁସଦାଙ୍କର ୧୧ ବର୍ଷ ବୟସର କନ୍ୟା 'ମାଳତି' ଦିର୍ଘ ଦିନ ଧରି ବିଦ୍ୟାଳୟକୁ ଯାଉ ନଥିବାର ପରିବାରର ଲୋକେ ଜଣାଇଛନ୍ତି । 'ମାଳତି' ଗ୍ରାମରେ ଥିବା ମହୁଲଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଛନ୍ତି । ଏଠାରେ କାର୍ଯ୍ୟରତ ଶିକ୍ଷକ ନିୟମିତ 'ମାଳତି' ଙ୍କୁ ଆଧାର କାର୍ଡ଼ ମାଗିବା ସହିତ ତାଙ୍କୁ ମଧ୍ୟାହ୍ନ ଭଜନ, ପୋଷାକ ଓ ପାଠ୍ୟ ପୁସ୍ତକ ସବୁ କିଛିରୁ ବଂଚିତ କରିଥିବାର କଥା ଜଣାଇଛନ୍ତି । ଏହିଭଳି ମାନସିକ ଚାପଯୋଗୁଁ 'ମାଳତି' ବିଦ୍ୟାଳୟକୁ ଯିବା ବନ୍ଦ କରିଦେବା ସହ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଉଥିବାର କଥା ପରିବାରର ଲୋକେ କହିଛନ୍ତି । ଆଧାର କାର୍ଡ଼ ପାଇଁ 'ମାଳତି' ବାରମ୍ବାର ଫୋଟ ଉଠାଇଛନ୍ତି । କିନ୍ତୁ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । 'ମାଳତି' ଜଣେ ଆଦିବାସୀ ସମ୍ପ୍ରଦାୟର ଛାତ୍ରୀ ହୋଇଥିବା ବେଳେ ତାଙ୍କୁ କୌଣସି ସହଯୋଗ ନକରି ଉକ୍ତ ପ୍ରକଳ୍ପ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି । ଏହା କେବଳ 'ମାଳତି'ଙ୍କ କ୍ଷେତ୍ରରେ ନୁହେଁ ଆଧାର କାର୍ଡ଼ ନଥିବା ଅଧିକାଂଶ ଛାତ୍ର ଛାତ୍ରୀ ଏହିଭଳି ସମସ୍ୟାର ସମ୍ମୁଖିନ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ତହସିଲଦାରଙ୍କୁ ଦୁର୍ବ୍ୟବହାର: ଅଭିଯୁକ୍ତ ଅଟକ

ଖଇରା, ୨୨/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କ କାର୍ଯାଳୟରେ ପଶି ଦୁର୍ବ୍ୟବହାର କରିଥିବା ନେଇ ସଂପୃକ୍ତ ତହସିଲଦାରଙ୍କ ପକ୍ଷରୁ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ଅଭିଯୁକ୍ତ ସଞ୍ଜୟ କୁମାର ସେନାପତିଙ୍କୁ ଥାନାରେ ଅଟକ ରଖିଛି । ଲିଖିତ ଅଭିଯୋଗ ଅନୁଯାୟୀ ଗୁରୁବାର ଦିନ ତହସିଲଦାର କାର୍ଯ୍ୟାଳୟରେ ଦାୟିତ୍ୱ ସଂପର୍ଣ୍ଣ କରୁଥିବା ବେଳେ ଅନ୍ତରା ପଞ୍ଚାୟତ ଅଧୀନ ନୁଆ ଗ୍ରାମର ସଞ୍ଜୟ ଓଏଲଆର କେଶରେ ରେକର୍ଡ ବାତିଲକୁ ନେଇ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହାସହ ତହସିଲଦାର ତଥା ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ବାରଣ ସତ୍ୱେ ମୋବାଲରେ ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ । ଏହାକୁ ନେଇ ଅଫିସ କାର୍ଯ୍ୟ ବେଶ କିଛି ଘଣ୍ଟାଧରି ବାଧାପ୍ରାପ୍ତ ହୋଇଥିଲା । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଭୁବନ ମୋହନ ସେଠୀଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗର ତଦନ୍ତ ଚାଲିଥିବା କହିଛନ୍ତି ।

## ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ




ପାରାଦୀପ, ୨୨/୧ (ନି.ପ୍ର): ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନଗରପାଳ ବସନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପାରାଦୀପ ବନ୍ଦର ପ୍ରାକ୍ତନ ସଚୀବ ପ୍ରଭାତ କୁମାର ନନ୍ଦ, ପ୍ରାଚୀନ କଳା କେନ୍ଦ୍ର ଓଡିଶା ପ୍ରଭାରୀ ବ୍ୟାମୋକେଶ ଜେନା, ଓଡିଶାରେ ଭାରତୀୟ ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳାର ପ୍ରସାର କ୍ଷେତ୍ରରେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପ୍ରାଚୀନ କଳା କେନ୍ଦ୍ରର ସଚୀବ ସଜଳ କୋଷ, ଅତିରିକ୍ତ ନିବନ୍ଧକ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଥକ ନୃତ୍ୟାଙ୍ଗନା ଡ. ସମୀରା କୋଷ ଯୋଗ ଦେଇ ସାରା ଭାରତରେ ପ୍ରାଚୀନ କଳା କେନ୍ଦ୍ରର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୁରୁ ବିଜୟ କୁମାର ମାଛୁଆଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ମେଘ ମହ୍ଲାର କଳ ପରିଷଦ ଛାତ୍ରଛାତ୍ରୀମାନେ । ଗୁରୁ ପ୍ରଭାତ କୁମାର ଶିଳ୍ପୀ ଓ ଗୁରୁ ଡମ୍ବରୁଧର ଓଝାଙ୍କ ବେହେଲା ଓ ତବଲାର ଯୁଗଳବନ୍ଦୀଓ ସାଗରିକା କଳା ନିକେତନ ଛାତ୍ର ପ୍ରଦୀପ କୁମାର ତରାଇ ଏକକ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଗୁରୁ ସ୍ମୃତିକାନ୍ତ ଶର୍ମାଙ୍କ ନିର୍ଦ୍ଦେଶନାରେ ଝୁମର ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ କଳା ନିକେତନର ସମ୍ପାଦକ ପ୍ରବୀର କୁମାର ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରାଚୀନ କଳା କେନ୍ଦ୍ର, ଆଂଚଳିକ ଅଧିକାରୀ ଜୟନ୍ତ କିଶୋର ରାୟ, କଳା ନିକେତନର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ ।ଜୟନ୍ତ କିଶୋର ରାୟ, ସଂଗୀତ ନିର୍ଦ୍ଦେଶକ ଫ୍ରଫୁଲ କୁମାର ନାୟକ ଉପସ୍ଥିତ ଥିଲେ ।

## ବୟୋଜ୍ୟେଷ୍ଠ କଂଗ୍ରେସ ନେତା ବୈଦ୍ୟନାଥ ବାରିକଙ୍କ ଦେହାନ୍ତ

ନୀଳଗିରି, ୨୨/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତ ଦ୍ୱାରିକା ଗ୍ରାମର କଂଗେସଦଳର ବରିଷ୍ଠନେତା ବୈଦ୍ୟନାଥ ବାରିକଙ୍କ ଆଜି ଦେହାନ୍ତ ହୋଇଛି ।ସୂଚନାରୁ ଜଣାପଡିଛି ଶ୍ରୀବାରିକ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଦୀର୍ଘଦିନଧରି ଶଯ୍ୟାଶାୟୀ ଥିଲେ ।ଖବରପାଇ କଂଗେସର ଯୁବନେତା ତଥା ସମାଜସେବୀ ତପନ ରାଉତ,ଯୋଗେଶ୍ୱର ବେହେରା ଓ ରାମକୃଷ୍ଣ ଜେନା ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କସହିତ ଗ୍ରାମର ବହୁ ବ୍ୟକ୍ତି ମଧ ଉପସ୍ଥିତ ଥିଲେ ।ଶ୍ରୀ ରାଉତ ଓ ଅନ୍ୟ ନେତୃତ୍ୱମାନେ ତାଙ୍କ ପରିବାର ସହିତ ଆଲୋଚନା କରି ବୈଦନାଥ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବାସହ ବୈଦନାଥଙ୍କ ସହିତ କଥାହୋଇ ତାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କର ଏଭଳି ସ୍ଥିତିରେ ଦଳର କୌଣସି କର୍ମକର୍ତ୍ତା ଯାଇନଥିବା ଅଭିମାନଭରା କଣ୍ଠରେ ଏହି ଯୁବନେତୃତ୍ୱ ମାନଙ୍କୁ କହିଥିଲେ ।ଶେଷ ସମୟରେ ଏମାନଙ୍କୁ ଦେଖି ସେ ବହୁତ ଖୁସିହେବା ସହିତ ଆଶୀର୍ବାଦ କରିଥିଲେ। ଏମାନଙ୍କ ସହିତ କଥାହୋଇ ତାଙ୍କର ଆଖି ଲୁହରେ ଛଳଛଳ ହୋଇଯାଇଥିଲ। ସବୁଠାରୁ ଆଶ୍ଚର୍ଯ୍ୟ କଥା ଉପରୋକ୍ତ ନେତୃବୃନ୍ଦ ଫେରିବାର ପ୍ରାୟ ୩ଘଣ୍ଟା ପରେ ତାଙ୍କର ଦେହାନ୍ତ ହୋଇଥିଲା ।ସତେ ଯେମିତି ସେ ଅପେକ୍ଷା କରିଥିଲେ ।ଏମାନଙ୍କୁ ଦେଖିବା ପରେ ତାଙ୍କର ପ୍ରାଣବାୟୁ ଶାନ୍ତିରେ ଦେହ ଛାଡିଥିଲାବୋଲି ଗ୍ରାମରେ ବେଶ ଚର୍ଚ୍ଚା ହେଉଥିବା ଶୁଣାଯାଇଛି।

## ଅଟୋ ଡ୍ରାଇଭର ମହେଶ୍ୱରଙ୍କ ମହତ ପଣିଆ : ଶୀତରେ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବାଂଟିଲେ




ଭଦ୍ରକ, ୨୨/୧ (ନି.ପ୍ର): ଆଜିର ଦୁନିଆରେ ବହୁ ବ୍ୟକ୍ତି କେବଳ ନିଜ ସ୍ୱାର୍ଥରେ ଲିପ୍ତ ଥିବାବେଳେ ଏମିତି କିଛି ମଣିଷ ଅଛନ୍ତି, ଯେଉଁମାନେ ଦାରିଦ୍ର୍ୟର କଷାଘାତରେ ଥାଇବି ନିଜ କଷ୍ଟଲବ୍ଧ ଅର୍ଥରେ ଅନ୍ୟର ଦୁଃଖ ଲାଘବ କରିଥାନ୍ତି। ଭଦ୍ରକ ବ୍ଲକ୍‌ର କଲେଇ ପଂଚାୟତ ବଳାଜିତପଡା ନିବାସୀ ଅଟୋ ଡ୍ରାଇଭର ମହେଶ୍ୱର ଲେଙ୍କା ସେହିଭଳି ଜଣେ ନିଆରା ବ୍ୟକ୍ତିତ୍ୱ। ଯିଏ ନିଜର ଝାଳବୁହା ଧନର ସଂଚିତ ଅର୍ଥରେ ଋଣ କରି ପରିବାର ପ୍ରତିପୋଷଣ କରିବାକୁ ଅଟୋଟିଏ ଆଣି ଚଲାଉଛନ୍ତି। ତେବେ ମହେଶ୍ୱରଙ୍କୁ ଅନେକ ସମୟରେ ପର ଦୁଃଖରେ ଭାଗୀଦାର ହେବାର ଦେଖାଯାଏ। ଚରମ୍ପା ରେଳଷ୍ଟେସନ ହେଉ କି ବସ୍‌ଷ୍ଟାଣ୍ଡ ହେଉ, କୋର୍ଟ କଚେରୀ ହେଉ କି ଡାକ୍ତରଖାନା ହେଉ ସବୁଠି ତାଙ୍କ ଆଖି ଆଗରେ ପଡୁଥିବା ଦିବ୍ୟାଙ୍ଗ ଓ ଗରିବ ଲୋକଙ୍କୁ ସେ ନିଜ ଅଟୋରେ ମାଗଣାରେ ଆଣି ଠିକଣା ସ୍ଥାନରେ ଛାଡିଥାନ୍ତି। ଏପରିକି ନିଜ ଅଂଚଳର ବହୁ ଅସୁସ୍ଥ ଓ ଗର୍ଭବତୀ ମହିଳାଙ୍କୁ ରାତି ଅଧରେ ବି ସହାୟତାର ହାତ ବଢାଇ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇବା ପରେ ପୁଣି ସେମାନଙ୍କ ଘରେ ଛାଡିଥାନ୍ତି। ପ୍ରତିବର୍ଷ ଶୀତଦିନରେ ସେ ବନ୍ତଛକ ବ୍ରିଜ୍ ତଳ ହେଉ କି ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନ ବାହାରେ ଅସହାୟ ଅବସ୍ଥାରେ ଶୋଇଥିବା ବ୍ୟକ୍ତିଙ୍କୁ କମ୍ବଳ ମଧ ବଂଟନ କରିଥାନ୍ତି। ଆଜିର ସୋସିଆଲ ମିଡିଆରେ ବହୁ ବ୍ୟକ୍ତି ଗରିବ ଲୋକଙ୍କୁ ସହାୟତା ନାମରେ ନିଜ ଫଟୋକୁ ଭାଇରାଲ କରି ବାହାବାଃ ନେଉଥିବାବେଳେ ମହେଶ୍ୱର ସେଭଳି କାର୍ଯ୍ୟକୁ ନାପସନ୍ଦ କରିଥାନ୍ତି। ତାଙ୍କ ଭାଷାରେ ଯିଏ ପ୍ରକୃତ ସାହାଯ୍ୟକାରୀ, ସେ ଏଭଳି ଦେଖାଣିଆ ମନୋଭାବ ପ୍ରଦର୍ଶନ କରିବା ଉଚିତ୍ ନୁହେଁ। ତେବେ ଏ ପ୍ରତିନିଧିର ଆଖିରେ ମହେଶ୍ୱରର ବଦାନ୍ୟତା ପଡିବା ପରେ ସେ ବହୁ ବାଧକରି ଜଣେ ଅସହାୟ ଅନ୍ଧକୁ କମ୍ବଳ ଦେଉଥିବାବେଳେ ଫଟୋଟିଏ ଉଠାଇବାରେ ସକ୍ଷମ ହୋଇଥିଲା। ଆଜିର ଯୁଗରେ ମହେଶ୍ୱର ଭଳି ଜଣେ ସାମାନ୍ୟ ଅଟୋ ଡ୍ରାଇଭରର ଏଭଳି ମହତ୍ ପଣିଆକୁ ସମସ୍ତେ ଅନୁକରଣ କରିବା ଉଚିତ୍।

## ଶ୍ରୀଧର ଏକାଦଶୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ଉତ୍ସବ



ବାସୁଦେବପୁର, ୨୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ପଞ୍ଚାୟତର ବିଦ୍ୟାଳୟ ସ୍ତରୀୟ ପି ଏମ୍ ଶ୍ରୀ ଉତ୍ସବ ପି ଏମ୍‌ଶ୍ରୀ ଶ୍ରୀଧର ଏକାଦଶୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଲୁଂଗା ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତହରି ଆଚାର୍ଯ୍ୟ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ତନ୍ମିତା କର, ଏ ବି ଇ ଓ ଅମୀୟ କୁମାର ମହାଳିକ, ଉର୍ମିଳା କର, ସି ଆର୍ ସି ସି ଅଭିଷେକ ପାତ୍ର, ସ୍ଥାନୀୟ ସରପଞ୍ଚ, ସ୍କୁଲ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ପାତ୍ର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଲକ୍ଷ୍ମୀକାନ୍ତ ନାୟକ। ବରିଷ୍ଠ ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଏହି ଉତ୍ସବରେ ଶ୍ରୀଧର ଏକାଦଶୀ ଉଚ୍ଚ ବିଦ୍ୟାଳୟ ଲୁଙ୍ଗାର ମୁଖ୍ୟ ଉଦ୍ୟୋକ୍ତା ଗୋବିନ୍ଦ ଚରଣ ଲେଙ୍କା, ଗୋବିନ୍ଦ ଚରଣ ମହାପାତ୍ର ଓ ଯୁଧିଷ୍ଠିର ନାୟକଙ୍କ ତୈଳ ଚିତ୍ରକୁ ଅତିଥି ବନ୍ଧୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ପ୍ରଧାନ ଶିକ୍ଷକ ଭକ୍ତହରି ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁଶାନ୍ତ କୁମାର ବାରିକ୍,ମହାମାୟୀ ବିଶ୍ୱାଳ, ସୁବାସିନି ପଲେଇ, ପଙ୍କଜିନି ନାୟକ, ଅନିତା ଜ୍ୟୋତ୍ସ୍ନା ଦାସ, ରୀତା ମହାନ୍ତି, ଦେବସ୍ମିତା ମିଶ୍ର, ପଙ୍କଜିନି ସାମଲ, ଅବନ୍ତୀ ନାୟକ, ସପନ ପଣ୍ଡିତ, ଦିବ୍ୟଜ୍ୟୋତି ପଣ୍ଡା, ଗଣେଶ ପ୍ରସାଦ ପଲାଇ ପ୍ରମୁଖ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

ପୁରୀ, ୨୨/୧ (ନି.ପ୍ର): ପୁରୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ବେଟୀ ବଚାଓ ବେଟୀ ପଢ଼ାଅ ତଥା ମିସନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଅଧୀନରେ 'ଜାତୀୟ କନ୍ୟା ସନ୍ତାନ ସପ୍ତାହ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି । ପୁରୀ ମହିଳା ମହାବିଦ୍ୟାଳୟ ଏବଂ ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ଦୁଇଟି ପୃଥକ କାର୍ଯ୍ୟକ୍ରମରେ କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମ୍ମାନଜନକ ଜୀବନ ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନରମିଲା ଟ୍ରମ୍ପଙ୍କ...

ତଥାପି ଏହା ଆମେରିକାର ଜାତୀୟ ସୁରକ୍ଷା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ଭବିଷ୍ୟତରେ ଆର୍କଟିକ ଅଞ୍ଚଳ ରଣନୈତିକ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ତେଣୁ ଗ୍ରିନ୍‌ଲାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣ ରହିବା ଉଚିତ । ଟ୍ରମ୍ପ ଏହା ମଧ କହିଥିଲେ ଯେ ସେ ଚାହିଁଲେ ବଳ ପ୍ରୟୋଗ କରି ଗ୍ରିନ୍‌ଲାଣ୍ଡ ହାସଲ କରିପାରିବେ। ଯଦି ମୁଁ ଅଧିକ ଶକ୍ତି ଓ ବଳ ପ୍ରୟୋଗ କରେ, ତେବେ କେହି ଆମକୁ ଅଟକାଇ ପାରିବେ ନାହିଁ । କିନ୍ତୁ ମୁଁ ତାହା କରିବି ନାହିଁ। ମୋର ଆବଶ୍ୟକତା ନାହିଁ । ମୁଁ ଏହା କରିବାକୁ ଚାହୁଁନାହିଁ। ଟ୍ରମ୍ପ ଏହା ମଧ ଚେତାବନୀ ଦେଇଥିଲେ ଯେ, ନାଟୋ ଆମେରିକାର ବିସ୍ତାରବାଦୀ ଉଦ୍ଦେଶ୍ୟକୁ ବାଧା ଦେବା ଉଚିତ ନୁହେଁ। ଆମେରିକା ନିଜ ସ୍ୱାର୍ଥକୁ ପ୍ରାଥମିକତା ଦେବ ।

### କୃଷି ଉତ୍ପାଦନ ବୃଦ୍ଧି ପାଇଁ ଜଳସେଚନର...

ଚାଷଜମିକୁ ସାଂଗଠନିକ ଭାବେ ପାଣି ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି। କେନାଲର ତଳମୁଣ୍ଡରେ ପାଣି ପହଞ୍ଚାଇବା ଅସୁବିଧା କାରଣରୁ ବେଳେ ବେଳେ ଚାଷୀମାନଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ସଂଗଠିତ ବ୍ୟବସ୍ଥା ମାଧ୍ୟମରେ ସବୁ ଚାଷୀଙ୍କୁ ପାଣି ଯୋଗାଇବାର ଆବଶ୍ୟକତା ରହିଛି। ମହାରାଷ୍ଟ୍ରର ପୁଣେରେ ଦେଶର ସର୍ବପ୍ରଥମେ ପାଣିପଞ୍ଚାୟତ ଆରମ୍ଭ ହୋଇଥିଲା। ୨୦୦୦ ମସିହାରେ କଟକ ଜିଲ୍ଲାର ଉଷୁମା ଗ୍ରାମରେ ପାଣି ପଞ୍ଚାୟତ ଗଠନ ହୋଇଥିଲା। ଏହା ଗଠନ ହେବା ଦ୍ୱାରା ସେହି ଗ୍ରାମରେ ପାଣି ବଣ୍ଟନ ବ୍ୟବସ୍ଥା ଠିକ୍ ହୋଇପାରିଛି। ଉଷୁମା ସହିତ ୯ଟି ଗ୍ରାମର ୪୨୦ ହେକ୍ଟର ଚାଷଜମିକୁ କିଭଳି ପାଣି ବଣ୍ଟାଯାଇ ପାରିବ ସେଥିରେ ସମାଧାନ ହୋଇପାରିଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି। ଆଲୋଚନା ମାଧ୍ୟମରେ ଜଳର ସୁଷମ ବଣ୍ଟନ ହୋଇପାରିବ।

### ସରଣ୍ଡାରେ ସୁରକ୍ଷା ...

ତାଙ୍କ ବିରୁଦ୍ଧରେ ହତ୍ୟା, ବୋମା ବିସ୍ଫୋରଣ, ଅସ୍ତ୍ରଶସ୍ତ୍ର ରଖିବା ଏବଂ ଡକାୟତି ସମେତ ଅନେକ ଗୁରୁତର ଅପରାଧ ପାଇଁ ମାମଲା ରୁଜୁ ହୋଇଥିଲା ।ଅନଲ କେବଳ ମାଓ କାର୍ଯ୍ୟକଳାପରେ ଜଡିତ ନଥିଲେ ବରଂ ଅନେକ ଥର ପୁଲିସ ଏବଂ ସିଆରପିଏଫ୍ ଅପରେସନରୁ ଖସିଯିବାରେ ସଫଳ ହୋଇଥିଲେ। ତାଙ୍କର ରଣନୀତି ଏବଂ ଚତୁରତା ଯୋଗୁଁ ତାଙ୍କୁ ରାଜ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା। ସୂତ୍ର ଅନୁଯାୟୀ ଏହି ଭୟଙ୍କର ଏନକାଉଣ୍ଟରରେ ୧୬ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସୁରକ୍ଷା ବାହିନୀର ସରକାରୀ ନିଶ୍ଚିତକରଣ ଅପେକ୍ଷା କରାଯାଇଛି। ଅଞ୍ଚଳରେ ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଛି ଏବଂ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ଅଧିକାରୀଙ୍କ ଅନୁଯାୟୀ ସରଣ୍ଡା ଜଙ୍ଗଲରେ ମାଓ କାର୍ଯ୍ୟକଳାପ ଦୀର୍ଘ ଦିନ ଧରି ଚିନ୍ତାର ବିଷୟ ହୋଇଆସିଛି। ଅନଲଙ୍କ ହତ୍ୟା ପରେ ସୁରକ୍ଷା ବାହିନୀ ଅଞ୍ଚଳରେ ସତର୍କତା ବୃଦ୍ଧି କରିଛନ୍ତି ଏବଂ ଆଖପାଖ ଗ୍ରାମଗୁଡ଼ିକରେ ପାଟ୍ରୋଲିଂ ଏବଂ ସନ୍ଧାନ ଅଭିଯାନକୁ ତୀବ୍ର କରିଛନ୍ତି। ଏହି ଏନକାଉଣ୍ଟରକୁ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। କାରଣ ଅନଲ ଦୀର୍ଘ ଦିନ ଧରି ଜଣେ ସବୁଠାରୁ ୱାଣ୍ଟେଡ୍ ବ୍ୟକ୍ତି ଥିଲେ ଏବଂ ତାଙ୍କ ନେଟୱାର୍କରେ ଥିବା ଅନ୍ୟ ଅନେକ ମାଓବାଦୀ ଏବେ ବି ସକ୍ରିୟ ଅଛନ୍ତି।

### ୨୦୦ ଫୁଟ ତଳେ...

ନିଆଯାଇଥିଲା ଯେଉଁଠାରେ ତିନି ଜଣ ଯବାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସେନା ଗାଡ଼ିଟି ଉଚ୍ଚ ପାହାଡ଼ରେ ଥିବା ପୋଷ୍ଟ ଆଡ଼କୁ ଯାଉଥିବା ବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ୨୦୦ ଫୁଟ ଗଭୀର ଘାଟି ତଳକୁ ଖସି ପଡ଼ିଯାଇଥିଲା । ଜମ୍ମୁ ଏବଂ କାଶ୍ମୀରର ଡୋଡା ଜିଲ୍ଲାର ସୁରକ୍ଷା ପରିସ୍ଥିତି ବର୍ତ୍ତମାନ ସମ୍ବେଦନଶୀଳ ରହିଛି । ଦୁର୍ଘଟଣା ଘଟିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ସୁରକ୍ଷା ବାହିନୀର ଅପରେସନ ବୃଦ୍ଧି ପାଇଛି । ଡୋଡା ଜିଲ୍ଲାରେ ବିଶେଷକରି ପାର୍ବତ୍ୟ ଏବଂ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀଙ୍କ ଉପସ୍ଥିତିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ଗୁଇନ୍ଦା ରିପୋର୍ଟ ଅନୁଯାୟୀ ଡୋଡା ଏବଂ ପଡ଼ୋଶୀ କିସ୍ତୱାର ଜିଲ୍ଲାରେ ୩୦ ରୁ ୩୫ ଜଣ ପାକିସ୍ତାନୀ ମୂଳ ଆତଙ୍କବାଦୀ ସକ୍ରିୟ ହୋଇ ଜଙ୍ଗଲରେ ଲୁଚି ରହିପାରନ୍ତି ।

### ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ...

ବସନ୍ତ ପଞ୍ଚମୀ ପୂଜା ପାଇଁ ମଧ ଏକ ପୃଥକ ସ୍ଥାନ ନିରୂପଣ କରାଯିବ। ତେବେ ପୂଜା ପାଇଁ କୌଣସି ସମୟ ସୀମା ରହିବ ନାହିଁ। ଏହି ମାମଲାର ଶୁଣାଣି ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଓ ଜଷ୍ଟିସ୍ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କରିଛନ୍ତି। ହିନ୍ଦୁ ଫ୍ରଣ୍ଟ ଫର୍ ଜଷ୍ଟିସ୍ ଦ୍ୱାରା ଦାୟର ଆବେଦନରେ ଦାବି କରାଯାଇଥିଲା ଯେ, ଜାନୁଆରି ୨୩ରେ ବସନ୍ତ ପଞ୍ଚମୀ ପଡୁଛି ସେଥିପାଇଁ ଶୁକ୍ରବାର ଦିନ ମୁସଲିମ ସମ୍ପ୍ରଦାୟଙ୍କୁ ନମାଜ ପାଠ କରିବାରୁ ନିଷେଧ କରାଯାଉ। କେବଳ ହିନ୍ଦୁମାନଙ୍କୁ ଦେବୀ ସରସ୍ୱତୀଙ୍କ ପୂଜା କରିବାକୁ ଅନୁମତି ଦିଆଯାଉ। ହିନ୍ଦୁ ପକ୍ଷ ପକ୍ଷରୁ ବିଷ୍ଣୁ ଶଙ୍କର ଜୈନ ଯୁକ୍ତି ଉପସ୍ଥାପନ କରିଥିଲେ, ଯେତେବେଳେ ମୁସଲିମ ପକ୍ଷ ପକ୍ଷରୁ ସଲମାନ ଖୁର୍ସିଦ କୋର୍ଟରେ ହାଜର ହୋଇଥିଲେ। ଏହା ଦର୍ଶାଯାଇଥିଲା ଯେ, ଏଭଳି ବସନ୍ତ ପଞ୍ଚମୀ ପୂର୍ବରୁ ତିନି ଥର ଶୁକ୍ରବାର ପଡ଼ିତବଲା। ଶୁକ୍ରବାର ନମାଜ ପାଠକୁ ନେଇ ବିବାଦ ଉପୁଜିଥିଲା। ହିନ୍ଦୁ ପକ୍ଷଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ପୂଜା ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଇଥାଏ। ଶୁଣାଣି ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ ଯେ, ଉଭୟ ସମ୍ପ୍ରଦାୟକୁ ପ୍ରାର୍ଥନା କରିବାକୁ ଅନୁମତି ଦିଆଯାଇପାରିବ। କିନ୍ତୁ ଆଇନ ଶୃଙ୍ଖଳା ବଜାୟ ରଖିବା ଜରୁରୀ। ସେ ପଚାରିଥିଲେ ଯେ, ଏଥିପାଇଁ କ'ଣ ବ୍ୟବସ୍ଥା କରାଯାଇଛି। ମଧ୍ୟପ୍ରଦେଶ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) କୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ, କୌଣସି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ହେବାକୁ ଦିଆଯିବ ନାହିଁ। ହିନ୍ଦୁ ପକ୍ଷ ଅନୁରୋଧ କରିଥିଲେ, ସନ୍ଧ୍ୟା ୫ଟା ପରେ ନମାଜ ପାଠ କରାଯାଉ। ସେ ପର୍ଯ୍ୟନ୍ତ ହିନ୍ଦୁମାନଙ୍କୁ ପୂଜା କରିବାକୁ ଅନୁମତି ଦିଆଯାଉ। ମୁଖ୍ୟ ବିଚାରପତି ଟିପ୍ପଣୀ ଦେଇଥିଲେ, ହିନ୍ଦୁମାନେ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାହିଁକି ପୂଜା କରିପାରିବେ ନାହିଁ? ଦିନ ୧ଟାରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ କରାଯିବ। ଏହା ପରେ ବସନ୍ତ ପଞ୍ଚମୀ ପୂଜା ଜାରି ରହିପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

## ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଜଳେଶ୍ୱର ବ୍ଲକସ୍ତରୀୟ ସାମୁହିକ ଗାନ ଉତ୍ସବ



ଜଳେଶ୍ୱର, ୨୨/୧ (ନି.ପ୍ର): ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ ବାର୍ଷିକୀ ଅବସରରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ସୌଜନ୍ୟରେ ଜଳେଶ୍ୱର ବ୍ଲକ ସ୍ତରୀୟ ସାମୁହିକ ଗାନ ଉତ୍ସବ ଚନ୍ଦନା ସ୍ଥିତ ଲିଲା କଲ୍ୟାଣ ମଣ୍ଡପ ପରିସରରେ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଅଧକ୍ଷତା କରି ବନ୍ଦେ ମାତରମ୍ ଗୀତ ସମ୍ପର୍କରେ ଆଲୋକପାତ କରି ଏହି ଗୀତ ରାଷ୍ଟ୍ର ଗଠନରେ ଦିଗଦ୍ରଷ୍ଟା ହେବ ବୋଲି ମତ ପ୍ରକାଶ କରିଥିଲେ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ମାନସ କୁମାର ଜେନା ଯୋଗ ଦେଇ କହିଥିଲେ ଯେ ୧୮୭୫ ନଭେମ୍ବର ୧୮ ତାରିଖ ରେ ବଙ୍କିମ ଚନ୍ଦ୍ର ଙ୍କ ଲିଖିତ ଆନନ୍ଦ ମଠ ଉପନ୍ୟାସରେ ସେ ବନ୍ଦେ ମାତରମ୍ ଗୀତ ରଚନା କରିଥିଲେ।୧୯୫୦ ମସିହାରେ ଏହି ଗୀତକୁ ଜାତୀୟ ଗୀତ ରୂପେ ମାନ୍ୟତା ଦିଆଯାଇଛି।ମାତୃଭୂମି ଆମ ପାଇଁ ମା ଯଶୋଦା।ଏହି ଗୀତ ମାଧ୍ୟମରେ ଦେଶ ପ୍ରେମ ଜାଗ୍ରତ କରିବା ଓ ଦେଶକୁ ଭଲ ପାଇବା ସୃଷ୍ଟି କରାଯାଇ ପାରିବ ବୋଲି ସେ କହିଥିଲେ।ଧର୍ମ ପରିବର୍ତ୍ତେ ଅମର ପରିଚିତି ଭାରତୀୟତା ହେବା ଉଚିତ୍ ବୋଲି ସେ କହିବା ସହ।ଆମେ ସରଳ ଜୀବନ ଯାପନ କରିବା ଓ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହେବା ଉଚିତ୍।ଆମ୍ଭ ମାନଙ୍କ ମଧରେ ହିନ୍ଦୁ ମୁସଲମାନ ବିଭାଜନ ମାନସିକତା ରହିଲେ ଭାରତ ଏକ ଦେଶ ହୋଇ ରହିବ ନାହିଁ।ମହାତ୍ମା ଗାନ୍ଧୀ ଓ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭାରତ ବିଶ୍ୱରେ ଦିନେ ଏକ ନମ୍ବର ଦେଶ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ।ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ,ଜିପିଡିଓ ସବ୍ୟସାଚୀ ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି ଉତ୍ସବରେ ବନ୍ଦେ ମାତରମ ଗୀତକୁ ସାମୁହିକ ଭାବେ ଗାନ କରାଯାଇଥିଲା ଓ ଆତ୍ମ ନିର୍ଭରଶୀଳ ଭାରତ ଗଠନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ।ଏହି ଅବସରରେ ବନ୍ଦେ ମାତରଂ ଜାତୀୟ ଗୀତ ଗାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଳେଶ୍ୱର ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୋମେଣ୍ଟୋ ଓ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

ଶୁକ୍ରବାର, ୨୩ ଜାନୁଆରୀ ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବୈଦ୍ୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବଡ଼ସାହି , ୨୨/୧ (ନି.ପ୍ର): ବଡସାହି ବ୍ଲକ ଅଧିନ ମାଣତ୍ରୀସ୍ଥ ବୈଦ୍ୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିନବନ୍ଧୁ ବାରିକ ଅଧକ୍ଷତା କରିଥିଲେ। ବଡ଼ସାହି ବ୍ଲକର ଅଧକ୍ଷା ମିନତୀ ସିଂ ମୁଖ୍ୟ ଅତିଥ ଭାବେ ଯୋଗଦାନ କରି ପିଲାଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ବାର୍ଷିକ ଉତ୍ସବ ମାଧ୍ୟମରେ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବଡ଼ସାହି ବ୍ଲକ ଓଷ୍ଟା ସାଧାରଣ ସମ୍ପାଦକ ଡକ୍ଟର କୁମାର ବାବୁଲି, ପ୍ରଭାକର ଚନ୍ଦ୍ର ନାଏକ (ଓଷ୍ଟା ଜିଲ୍ଲା ସହ ସଂପାଦକ), ଦେବରାଜ ନାଏକ (ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ. ପୂର୍ଣ୍ଣଚନ୍ଦ୍ର ସାହୁ (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ରଣଜିତ କୁମାର ପଣ୍ଡା (ଶିକ୍ଷାବିତ୍), ବସନ୍ତ କୁମାର ବାରିକ ସିଆରସି ଯୋଗଦାନ କରିଥିଲେ। ସମସ୍ତ ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ପାଦ ପଦ୍ମରେ ପୁଷ୍ପାର୍ଘ୍ୟ ପ୍ରଦାନ ସହିତ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଛାତ୍ରୀ ସୁଚିସ୍ମିତା ବଳବନ୍ତଙ୍କ ଦ୍ୱାରା ମନ୍ତ୍ର ପାଠ କରାଯାଇଥିଲା। ଏହାପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ଭାଷଣ ଦିଆଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ବିଦ୍ୟାଳୟର ସିସିଏ କାର୍ଯ୍ୟକ୍ରମର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଦେବବ୍ରତ ସେଠୀ, ତପନ କୁମାର ପଣ୍ଡା, ଦେବକାନ୍ତ ମହାନ୍ତ, ମମତା ସିଂ, ଭାଗ୍ୟଶ୍ରୀ ସେଠୀ, କଳ୍ପନା ମାଝୀ, ରଂଜିତା ପଣ୍ଡା, ସବିତାରାଣୀ ବାରିକ୍, ଜ୍ୟୋର୍ତିମୟୀ ଜେନା, ରଶ୍ମିତା ସାହୁ, ହରିଶ୍ ଚନ୍ଦ୍ର ଚାନ୍ଦ, ମୁକେଶ କୁମାର ଜେନା ସମସ୍ତ କାର୍ଯ୍ୟକୁ ତଦାରଖ କରିବା ସହିତ ସୁଚାର ରୂପେ ସଂପାଦନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ମଧ୍ୟ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ୩ ଆହତ: ହସ୍ପିଟାଲରେ ଭର୍ତ୍ତି

ନୀଳଗିରି, ୨୨/୧ (ନି.ପ୍ର): ଭାଲୁଆକ୍ରମଣରେ ଆହତହୋଇ ତିନିଜଣ ଲୋକ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ନୀଳଗିରି ଏନ୍.ଏ.ସି.ଅନ୍ତର୍ଗତ ୮ନମ୍ବର ୱାର୍ଡ଼ ଚିମିନି ଭାଟି (ସାନଅତା) ଗ୍ରାମର ଭାଗିରଥି ବୈଠାଙ୍କ ସ୍ତ୍ରୀ ପୁଷ୍ପ ବୈଠା (୪୫)ଆଜି ସକାଳ ପ୍ରାୟ ୫.୩୦ସମୟରେ ବନବିଭାଗ ଅଫିସ ନିକଟରେ ଫୁଲ ତୋଳିବାକୁ ଯାଉଥିବା ବେଳେ ରାସ୍ତାରେ ଆସୁଥିବା ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ।ଭାଲୁଟି ପୁଷ୍ପାର ଡାହାଣ ହାତର ବାହୁ ଓ ଡାହାଣ ପିଚାରେ କାମୁଡି ଥିଲା। ସେହିପରି ଉକ୍ତ ଗ୍ରାମର ନିତ୍ୟାନନ୍ଦ ସାହୁ(୮୦) ନିକଟସ୍ଥ ନଳକୂପରୁ ହାତଗୋଡ଼ ଧୋଇ ଘରକୁ ଯାଉଥିବା ରାସ୍ତାରେ ଭାଲୁଟି ତାଙ୍କ ଜଙ୍ଘରେ କାମୁଡ଼ି ଦେଇଛି । ଅନୁରୂପେ ଭାବେ ଉକ୍ତ ଗ୍ରାମର ୰ଯୁଗେନ୍ଦ୍ର କୁଅଁରଙ୍କ ସ୍ତ୍ରୀ କନକ କୁଅଁର (୮୦) ସକାଳେ ପ୍ରାୟ ୬ଟା ସମୟରେ ଫୁଲତୋଳିବାପାଇଁ ରାସ୍ତାରେ ଯାଉଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ି ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଖବରପାଇ ନୀଳଗିରି ବନବିଭାଗ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡିଲେ ଆରଆଇ

ଭୁବନେଶ୍ୱର, ୨୨/୧ (ନି.ପ୍ର): ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ରେଭିନ୍ୟୁ ଇନିସ୍ପେକ୍ଟର । କଟକଜିଲ୍ଲା କଖଡିର ଆରଆଇ ଜାନକୀ ରଞ୍ଜନ ମଲ୍ଲିକ ଆଜି ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି । ମିଳିଥିବା ସୂଚନା ମୁତାବକ ଏକ ଜମିର କିସମ ପରିବର୍ତ୍ତନ ବା ମ୍ୟୁଟେସନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ିବସିଥିଲେ । ସୂଚନା ନେବାରୁ ଜଣାପଡିଛି ଯେ ଜଣେ ଜମିମାଲିକ ତାଙ୍କ ଜମିର କିସମ ପରିବର୍ତ୍ତନ ପାଇଁ ଅନଲାଇନ ଆବେଦନ କରିଥିଲେ । ଆଉ ଏହାପରେ ଆରଆଇ ଜମି ମାଲିକଙ୍କୁ ୨୦ ତାରିଖରେ ଆସି ଭେଟିବାକୁ କହିଥିଲେ । ଜମିମାଲିକ ଜଣକ ଆରଆଇଙ୍କୁ ଭେଟିବା ପରେ ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଜମିମାଲିକ ଜଣକ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିବା ସହ ନିଜର ଅକ୍ଷମତା ପ୍ରକାଶ କରିଥିଲେ ଆରଆଇ ବାବୁ ଜଣକ ଏହା ଶୁଣିନଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ । ଏହାପରେ ଜମିମାଲିକ ଜଣକ ଆଉ କିଛି ଉପାୟ ନ ପାଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୂର୍ବ ଯୋଜନା ମୁତାବକ ଆଜି ଜମି ମାଲିକ ଜଣକ ଲାଞ୍ଚ ଟଙ୍କା(କେମିକାଲ ମିଶା) ଟଙ୍କା ନେଇ ପହଂଚି ଆରଆଇଙ୍କୁ ଦେବାବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ିବସିଥିଲେ। ବର୍ତ୍ତମାନ ଆରଆଇ ଜାନକୀଙ୍କ ଆଉ ତିନିଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି ।

# ଜମାକାରୀଙ୍କ ଟଙ୍କା ହଡପ ଘଟଣାକୁ ନେଇ ଦେଉଳାରେ ତୁମୁଳକାଣ୍ଡ

■ବର୍ଷ ବର୍ଷ ଧରି ଜମାକାରୀଙ୍କ ଟଙ୍କା ଆତ୍ମସାତ କରିଆସୁଥିଲେ ଗ୍ରାହକ ସେବା କେନ୍ଦ୍ର ମାଲିକ

■ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଛେଞ୍ଚିଲେ ଜମାକାରୀ



ବାଲିଆପାଳ , ୨୨/୧ (ନି.ପ୍ର): ବର୍ଷ ବର୍ଷ ଧରି ଜମାକାରୀଙ୍କ ଟଙ୍କା ହଡପ କରି ଆସୁଥିଲେ ଗ୍ରାହକସେବା କେନ୍ଦ୍ର ମାଲିକ । ଶହେ କି ଦୁଇଶହ ନୁହଁ ଲକ୍ଷ ଲକ୍ଷ ଟଙ୍କା ଅତ୍ମସାତ କରିଥିବା ନେଇ ଜଣାପଡିବା ପରେ ଆଜି ଶତାଧିକ ଉତ୍ୟକ୍ତ ଅଦିବାସୀ ହିତାଧିକାରୀ ସଂପୃକ୍ତ ଗ୍ରାହକସେବା କେନ୍ଦ୍ର ର ମାଲିକ କୁ ବିଦ୍ୟୁତ କୂଣ୍ଟରେ ବାନ୍ଧୀ ନିସ୍ତୁକ ମାଡ ମାରିଥିଲେ ଖବର ପାଇ ବାଲିଆପାଳ ପୋଲିସ ଗ୍ରହକ ସେବା କେନ୍ଦ୍ର ମାଲିକଙ୍କୁ ଉଦ୍ଧାର କରି ଥାନାକୁ ନେଇଆସିଥିଲେ । ତେବେ ଏଥିରେ ଉଥ୍ୟକ୍ତ ହୋଇ ଶାତଧିକ ଗ୍ରାମବାସୀ ବାଲିଆପାଳ ଆଇଆଇ ସି ସମେତ ସିଂଲାଥାନା ଆଇଆଇସି କୁ ଦୀର୍ଘ ୫ ଘଣ୍ଟା ଧରି ଅଟକ ରଖିବା ସହ ରାସ୍ତା ରୋକ କରିଥିଲେ । ପରେ ଏହି ଘଟଣାରେ ବସ୍ତା ଏସଡିପିଓ ଙ୍କ ହସ୍ତ କ୍ଷେପ ପରେ ପୋଲିସ ଅଧରକାରୀ ମାନେ ଉଦ୍ଧାର ହୋଇଛନ୍ତି ।ମିଳିଥିବବା ସୂଚନା ମୃତାବକ ଦେଉଳା ପଂଚାୟତ ସମ୍ମୁଖରେ ଦେଉଳା ଗ୍ରାମର ରଘୁନାଥ ରଣା ଙ୍କ ପୁଅ ରଞ୍ଜନ ରଣା (୩୫) ନାମକ ଜନୈକ ଯୁବକ ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ଖୋଲିଥିଲେ ।ଦେଉଳା ପଂଚାୟତ ଏକ ଅଦିବାସୀ ଅଧୁସିତ ଅଂଚଳ ହୋଇଥିବାରୁ ସରଳ ଅଦିବାସୀ ମାନଙ୍କର ଜମା ଟଙ୍କାକୁ ଗ୍ରାହକ ମାନଙ୍କୁ ଠକେଇ ରଞ୍ଜନ ହଡପ କରିଆସୁଥିଲା ଗ୍ରାହକ ମାନେ ଜମା କରୁଥିବା ଟଙ୍କା କୁ ଜମା ନକରି ମିଥ୍ୟା ରସିଦ ଦେଇ ଟଙ୍କା ହଡପ କରିବା ସହ ଜମାକାରୀଙ୍କ ଖାତାରୁ ମଧ ଲକ୍ଷ ଲକ୍ଷ ଟଙ୍କା ହଡପ କରିଆସୁଥିଲେ ।ଏହି ଭଳି ଭାବରେ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହଡପ କରିଥିବା ହିତାଧିକାରୀ ମାନେ ଜାଣିବାକୁ ପାଇଥିଲେ ।ହିତାଧିକାରୀ ମାନେ ଏହି କଥା ଜାନିବା ପରେ ରଞ୍ଜନ ସେମାନଙ୍କ ସମସ୍ତ ଟଙ୍କା ଫେରାଇବ ବୋଲି ବର୍ଷ ବର୍ଷ ଧରି ଭଣ୍ଡେଇ ଆସୁଥିଲା । ତେବେ ଆଜି ଜମାକାରୀ ଙ୍କ ରାଗ ପଞ୍ଚମ ହୋଯାଇଥିଲା ଶତାଧିକ ଜମାକାରୀ ସମେତ ବହୁ ଗ୍ରାମବାସୀ ରଞ୍ଜନକୁ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଦି ନିର୍ଦ୍ଦୁମ ମାଡ ମାରିଥିଲେ ।ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା ଖବର ପାଇ ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ ପୋଲିସ ଫୋର୍ସ ସହ ଘଠନା ସ୍ଥଳରେ ପହଂଚି ରଞ୍ଜନ ଙ୍କୁ ଉଦ୍ଧାର କରି ଥାନାକୁ ପଠେଇଥିଲେ ।ତେବେ ଉତ୍ୟକ୍ତ ଅଦିବାସୀ ମାନେ ପୋଲିସ ରଞ୍ଜନ କୁ ସାହାର ?ୟ କରୁଥିବା ଅଭିଯୋଗ ଆଣି ଆଇଆଇସି ସମେତ ଅନ୍ୟକିଛି ପୋଲିସ କର୍ମଚାରୀ ଙ୍କୁ ଅଟକ ରଖିଥିଲେ ।ଦିନ ଗୋଟାଏରୁ ଏହି ପୋଲିସ ଅଧିକାରୀ ମାନେ ଉତ୍ୟକ୍ତ ଅଦିବାସୀଙ୍କ ନିକଟରେ ଅଟକ ରହିଥିଲେ । ପରେ ଏସଡିପିଓ ଙ୍କ ନିର୍ଦ୍ଦେଶରେ ସିଂଲା ଆଇଆଇସି ଅନ୍ୟ ଏକ ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରିବାକୁ ଚେଷ୍ଟା କରିଥିଲେ ମଧ ଲୋକେ ତାଙ୍କ କଥା ଶୁଣିନଥିଲେ ପରଂନ୍ତୁ ତାଙ୍କୁ ମଧ ଅଟକ ରଖିଥିଲେ ।ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।ସନ୍ଧ୍ୟାରେ ବସ୍ତା ଏସଡିପିଓ ମାନଓ ଦେଓ ସମେତ ତିନି ପୋଲିସ ଅଧରକାରୀ ଏବଂ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥରଲେ ।ଏସଡିପିଓ ଙ୍କ ହସ୍ତ କ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା ।ସୂଚନା ଯୋଗ୍ୟ ଗ୍ରାହକ ସେବା କେନ୍ଦ୍ର ମାଲିକ ରଞ୍ଜନ ପୂର୍ବରୁ ଏହିଭଳି ଏକ ବଡଧିରଣ ଟଙ୍କା ହେରଫେର ମାମାଲାରେ ସାଇବର ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ ।

## ପାଣିପାଇଁ ରାସ୍ତାରୋକ: କନିଷ୍ଠମନ୍ତ୍ରୀଙ୍କୁ ଘେରିଲେ ଗ୍ରାମବାସୀ

ନୀଳଗିରି , ୨୨/୧ (ନି.ପ୍ର): ନୀଳଗିରି ବ୍ଲକ୍ ଛତ୍ରପୁର ପଞ୍ଚାୟତ ଛତ୍ରପୁର ବଜାରରେ ପ୍ରାୟ ୨ଘଣ୍ଟାପାଇଁ ରାଜ୍ୟରାଜପଥ ୧୯ ରାସ୍ତାଅବରୋଧ ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତର ମାଙ୍କିଡ଼ିଆ ସାହିକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହୋଇଆସୁଥିଲା। ମାତ୍ର ସଂପୃକ୍ତ ପଞ୍ଚାୟତର କିଛି ଅଞ୍ଚଳକୁ ଉକ୍ତ ଯୋଜନାରେ ଜଳଯୋଗାଣ ପାଇଁ ନୂତନ ପାଇପସଂଯୋଗ ପାଇଁ ରାସ୍ତା ଖୋଳାଯାଉଥିବା ବେଳେ ଦୁଇତିନିଦିନ ତଳେ ମାଙ୍କିଡିଆ ସାହିକୁ ସଂଯୋଗ କରିଥିବା ପାଇପଲାଇନଟି କଟି ଯାଇଥିଲା ।ଫଳରେ ଦୁଇତିନିଦିନ ଧରି ପାଣି ନପାଇବା ଫଳରେ ମାଙ୍କିଡ଼ିଆସାହି, ଏବଂ ସରୁଚମ୍ପା , ଚତୁରିପଡା, ଉପର ଭାଗାବନ୍ଧ, ମୁଖୀସାହି, ସୟମ୍ବରଡୁବା ଆଦି ଅଞ୍ଚଳର କିଛିଲୋକ ଆଜି ଛତ୍ରପୁର ବଜାରର ମୁଖ୍ୟରାସ୍ତାକୁ ଅବରୋଧକରି ଧାରଣା ଦେଇଥିଲେ। ନୀଳଗିରି ଆରଡବ୍ଲ୍ୟୁଏସଏସର କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ଘଟଣାସ୍ଥଳରେ ପହଞ୍ଚିବା ପରେ ଧାରଣାରତ ଲୋକ ତାଙ୍କୁ ଅଟକ ରଖିଥିଲେ। ଖବରପାଇ ବରହମପୁର ଆଇଆଇସି ପ୍ରେମଦା ନାୟକ, ସ୍ଥାନୀୟ ସରପଞ୍ଚ ମାଳତୀ ମାର୍ଣ୍ଡି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।ପରେ ସ୍ଥାନୀୟ ବିଡ଼ିଓ ବିକ୍ରମକେଶରୀ ପରିଡ଼ା ପହଞ୍ଚି ପାଇପଲାଇନ୍ ସଂଯୋଗର ବ୍ୟବସ୍ଥା କରିଥିବା ଜଣାଯାଇଛି ।

## ଦେବସେନା ପକ୍ଷରୁ ବୃକ୍ଷରୋପଣ



ବସ୍ତା, ୨୨/୧ (ନି.ପ୍ର): ବସ୍ତାବ୍ଲକ ବରୁଣଗଡିଆ ପଞ୍ଚାୟତ -ସଦାନନ୍ଦପୁର (ପଦ୍ମପୁର) ଗ୍ରାମରେ - ଦେବସେନା ବ୍ଲକ୍ ସଭାପତି ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ ଙ୍କ ତତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ ହୋଇଯାଇଛି । ଦେବସେନା ସଂଗଠନ ର ପୂର୍ବତନ ଜିଲ୍ଲା ସଭାପତି ଶ୍ରୀମାନ ଶଙ୍କର ଜେନାଙ୍କ ବାପା ବିଶିଷ୍ଟ ସମାଜସେବୀ ମିଷ୍ଟଭାଷି ଧର୍ମପରାୟଣ ସ୍ୱର୍ଗତ୰ ବଂଶୀଧର ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକିରେ ବହୁ ମାନ୍ୟଗନ୍ୟ ବକ୍ତି ଉପସ୍ଥିତରହି ସୃତି ଚାରଣ କରିବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ତତ୍ ସହିତ ଦେବସେନା ପକ୍ଷରୁ ବିଭିନ୍ନ ପ୍ରଜାତିର ଚାରାଅତିଥି ମାନଙ୍କୁ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଚ୍ୟୁତ ରାଉଳ, ଉମେଶ ବେହେରା, ନରେନ୍ଦ୍ର ପରିଡ଼ା, କବିତା ସୁର,ସମ୍ଭୁନାଥ ସୁର, ସୃଷ୍ଟିଧର ଦାସ ଅଧିକାରୀ, ବଂଶୀଧର ଭାଇ,ସାଧୁଚରଣ ଭାଇ, ସସ୍ମିତା ରାଉଳ, ସବିତା ରାଉଳ, ଜଗବନ୍ଧୁ ଜେନା,ବଳିଆ ଦତ୍ତ, ସୀତାରାମ ଭଦ୍ର, ଅଭିରାମ ଜେନା ସହଯୋଗ କରିଥିଲେ ।

## କୁପାରୀ ମକର ମେଳା ମହୋତ୍ସବର ଦ୍ୱିତୀୟ ସଂଧ୍ୟା

### ରିଦିମ୍ ଡ୍ୟାନ୍ସ ଗ୍ରୁପର ପ୍ରତ୍ୟେକଟି ଅଭିନୟ ଥିଲା ପ୍ରଶଂସନୀୟ




ଖଇରା, ୨୨/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ମକର ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ । ଉକ୍ତ ଦିବସରେ ସ୍ଥାନୀୟ ରିଦିମ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଶିତ ରାମାୟଣ, ସମ୍ବଲପୁରୀ ନୃତ୍ୟ, ଛୋଟ ମୋର ଗାଁଟି ଭଳି ଦଳଗତ ନୃତ୍ୟ ହେଉ କି ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଚରିତ୍ରଙ୍କ ଅଭିନୟ ଅତିବ ପ୍ରଶଂସନୀୟ ଥିଲା। ସଭା ପ୍ରାରମ୍ଭରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ । ନିଳଗିରି କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ମିତ୍ର ମୁଖ୍ୟଅତିଥି, ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁପାରୀର ଐତିହ ଶୁଣାଇଥିବା ସହ ଜଗନ୍ନାଥ ତତ୍ୱ ବଖାଣିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମକର ମେଳା କମିଟିର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ ମଞ୍ଚ ଆହ୍ୱାନ କରିଥିଲେ । ମାନସ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ମକର ମେଳା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବାରିପଦାଠାରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ପାଳିତ



ବାରିପଦା , ୨୨/୧ (ନି.ପ୍ର): ଆଜି ବାରିପଦା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ପାଳିତ ହୋଇଯାଇଛି ଇ ଶୁଭ ଉଦଘାଟନ ଉତ୍ସବରେ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭଉଦଘାଟନ କରିଥିଲେ.। ଏହି ଅବସରରେ ମୁଖ୍ୟ ଅତିଥି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବାକୁ ଯାଇ କହିଥିଲେ କି ସମାଜ ରେ ଅନେକ ପିତାମାତା ଙ୍କ କନ୍ୟା ସନ୍ତାନ ପ୍ରତି ରହିଥିବା ନକାରାତ୍ମକ ମନୋଭାବ ତଥା କନ୍ୟା ସନ୍ତାନ ଓ ପୁତ୍ର ସନ୍ତାନ ମଧ୍ୟରେ ଲିଙ୍ଗଗତ ବୈଷ୍ୟମତା ବା କୌଣସି ଭେଦଭାବ ନରଖି ପରିବାରରେ ଉଭୟଙ୍କୁ ସମାନ ଅଧିକାର ଦେଇ ଆନନ୍ଦମୟ ବାତାବରଣ ମଧ୍ୟରେ ପରିବାରକୁ ପରିଚାଳିତ କଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହେବାରେ ସହାୟକ ହେବ ବୋଲି କହିଥିଲେ. ସେହିପରି ଗର୍ଭାବସ୍ଥା ରେ ଲିଙ୍ଗ ନିରୂପଣ କରି କନ୍ୟା ଭ୍ରୁଣ ସନ୍ତାନକୁ ନଷ୍ଟ କରିବା ଭଳି କୁତ୍ସିତ ମାନସିକତା ଠାରୁ ନିବୃତ ରହିବା ସହିତ କମ ବୟସରେ ନିଜ କନ୍ୟା ସନ୍ତାନକୁ ବିବାହ ନକରି ବେଟି ବଚାଓ ବେଟି ପଢାଅ ଉପରେ ସମସ୍ତ ପିତା ମାତା ଯତ୍ନବାନ ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଉପସ୍ଥିତ ସମସ୍ତ ଅଧିକାରୀ ଓ ଅନ୍ୟାନ୍ୟ ମାନଙ୍କୁ, ଜାତୀୟ ମତଦାତା ଦିବସ-୨୦୨୬, ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ଓ କୁଷ୍ଟ ରୋଗ ନିରାକରଣ ଅଭିଯାନ ପକ୍ଷ ପାଳନ ସମ୍ବନ୍ଧିତ ଶପଥ ପାଠ କରାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଚିକିତ୍ସା ଅଧିକାରୀ ଦା ବିଜୟ କୁମାର ଦାଶ କନ୍ୟା ସନ୍ତାନ ମାନେ କିପରି ଉତ୍ତମ ସ୍ୱାସ୍ଥ୍ୟ ପାଇବେ ସେ ବିଷୟରେ କହିଥିଲେ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି କନ୍ୟା ସନ୍ତାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସଂଜଯକ ବାଳିକା ଜାତୀୟ କନ୍ୟା ସନ୍ତାନ ଦିବସ ର ଆଭିମୁଖ୍ୟ, ବାଲ୍ୟ ବିବାହ ବିରୁଦ୍ଧରେ ବ୍ୟାପକ ସଚେତନତା ତଥା କନ୍ୟା ସନ୍ତାନ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ଏହାର ବିଭିନ୍ନ ଆଇନ ଗତ ଜର୍ଯ୍ୟାନୁଷ୍ଠାନ ଦିଗ ଉପରେ ଆଲୋକ ପାତ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମ ରେ ସି.ଡି.ପି.ଓ , ସୁପର ଭାଇଜର, ଅଙ୍ଗୱାଡ଼ି କର୍ମୀ , କିଶୋର , କିଶୋରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ରେ ସଫଳ କୃତି ପ୍ରତିଯୋଗୀ ଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲ୍ଲା ସ୍ତରରେ କ୍ରୀଡା, କଳା ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ତିନି ଜଣ ପ୍ରତିଭାବାନ କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଇଥିଲା ଓ କ୍ରୀଡ଼ା ରେ ନମିତା ହେମ୍ବ୍ରମ , କଳା ରେ ଗୁରୁବାରି ମୁର୍ମୁ, ଶିକ୍ଷା ରେ ଭୂମିକା ପ୍ରିୟଦର୍ଶନୀ ପୁରସ୍କୃତ ହୋଇଥିଲେ ।ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ସଂଯୋଜନା କରିଥିବା ବେଳେ ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବଡ଼ସାହି କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ବଡ଼ସାହି , ୨୨/୧ (ନି.ପ୍ର): ବଡ଼ସାହି କଲେଜରେ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ର ଅଧକ୍ଷ ରଞ୍ଜନ କୁମାର ଦାସ ଶିବିରକୁ ଉଦଯାପନୀ କରିଥିଲେ। ଆଠ ଦିନ ଧରି +୩ ପ୍ରଥମ ବର୍ଷର ୮୬ ଜଣ ଛାତ୍ରୀ ଙ୍କୁ ନେଇ ସଂଯୋଜିକ ଅଧାପିକା ସନ୍ଧ୍ୟା ରାଣୀ ଦାସ ଆୟୋଜିତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ ଜୀବନ କୁମାର ପଣ୍ଡିତ ଉପସ୍ଥିତ ରହି ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଟ୍ରେନର ରଞ୍ଜିତା ସିଂ ଆଠ ଦିନ ଧରି ଛାତ୍ରୀଙ୍କୁ କୌଶଳ ଶିଖାଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀର ପଞ୍ଚମ ସନ୍ଧ୍ୟା



ଭଦ୍ରକ, ୨୨/୧ (ନି.ପ୍ର): ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରୟାଣୀର ପଞ୍ଚମ ସନ୍ଧ୍ୟା ଆଜି ନେହେରୁ ଷ୍ଟାଡିୟମ ପରିସରରେ ଅତ୍ୟନ୍ତ ଆଡମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ସନ୍ଧ୍ୟାର କାର୍ଯ୍ୟକ୍ରମକୁ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ ।ଜିଲ୍ଲା ପ୍ରଶାସନ ଭଦ୍ରକଙ୍କ ଆୟୋଜନରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଅଂଶରୂପେ ଆଜି ସଂଧ୍ୟା ସମୟରେ ବିଭିନ୍ନ ନାମୀ-ଦାମୀ କଳାକାର ଓ କଳାଦଳଙ୍କ ଦ୍ୱାରା ସାଂସ୍କୃତିକ ପରିବେଶନଣ ସଂଧ୍ୟା ୫ଟାରେ ଦୂରଦର୍ଶନ ଗାୟକ ଶ୍ରୀ କମଳାକାନ୍ତ ରାଉତଙ୍କ ଦ୍ୱାରା ଅର୍ଦ୍ଧ-ଶାସ୍ତ୍ରୀୟ ଗୀତ ପରିବେଶଣ କରାଯାଇଛି । ପରବର୍ତ୍ତୀ ଭାବେ ମୟୁର ଡ୍ୟାନ୍ସ ଗ୍ରୁପ୍, ଶ୍ରୀମତୀ ସୁଭସ୍ମିତା ରାଉତ ଓ ଶ୍ରୀ ଗୌତମ ବାରିକ ଏବଂ ଦଳଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତମୟ ମେଲୋଡି ପରିବେଶଣ କରାଯାଇଛି ।

❑ ସଂପାଦିକା : ସୈରିନ୍ଧ୍ରୀ ସାହୁ
❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❑ Editor: Sairindhree Sahoo
❑ Managing & Executive Editor : Srustidhar Parida